EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

RNI Ref. No.: 1304224
Title Code: ODIODI07807

ବର୍ଷ-୧ ସଂଖ୍ୟା-୧୧ ୨୭ ମାର୍ଚ୍ଚ-୦୨ ଏପ୍ରିଲ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-11 27th Mar-02nd APRIL, 2017 BHUBANESWAR ₹ 5.00 (8 PAGES)

ଚଳଚଞ୍ଚଳ ବିଜେପି

ଆସିବେ ଅମିତ ଶାହ

ଭୁବନେଶ୍ୱର : ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପିକୁ ଆଶାତୀତ ସଫଳତା ମିଳିବା ପରେ ଏବେ ପୂର୍ବମୁହାଁ ହୋଇଛି ବିଜେପି । ତେବେ ପ୍ରଥମ ଟାର୍ଗେଟ ରହିଛି ଓଡ଼ିଶା । ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର ବିକାଶ ଏଜେଣ୍ଡା ନେଇ ଓଡ଼ିଶାରୁ ଏହାର ଭିତ୍ତିଭୂମି ପକାଇବେ ଅମିତ ଶାହ । ଏଥିପାଇଁ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଶାହ ଆସନ୍ତା ଏପ୍ରିଲ୍ ୧୦ ତାରିଖରେ ଓଡ଼ିଶା ଆସିବେ ବୋଲି ଜଣାପଡିଛି । ସେ ତିନିଦିନ ଏଠାରେ ରହି ଦଳର ସଂଗଠନ କିପରି ମଜବୁତ୍ ହେବ, ସେ ସମ୍ପର୍କରେ ମାନସ ମନ୍ଥନ କରିବେ । ଯାହା ସୂଚନା ମିଳିଛି, ଚଳିତ ତ୍ରିରାଷ୍ଟ୍ରୀୟ ପଞ୍ଚାୟତ ନିର୍ବାଚନ ଦଳ ଆଶାନୁରୂପ ଫଳାଫଳ ପାଇଛି । ତେବେ ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅମିତ ରାଜ୍ୟର ବୁଥ୍ ସ୍ତରରେ ଦଳର ସ୍ଥିତି ତଦାରଖ କରିବା ସହ କର୍ମୀ ସମ୍ମିଳନୀରେ ଯୋଗ ଦେବେ । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏପ୍ରିଲ୍ ମାସରେ ଓଡ଼ିଶା ଆସିବାର ସମ୍ଭାବନା ରହିଛି । ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଶେଷଥର ପାଇଁ ୨୦୧୬ ନଭେମ୍ବର ୨୫ ତାରିଖରେ ଶ୍ରୀ ଶାହ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ଭୁବନେଶ୍ୱର ଆସିଥିଲେ ।

ପରେ ଆସିପାରନ୍ତି ମୋଦି

ସେତେବେଳେ ବରମୁଣ୍ଡା ପଡିଆରେ ଆୟୋଜିତ ବିଜେପିର ମହାସମାବେଶରେ ସେ ଉଦ୍‌ବୋଧନ ଦେଇଥିଲେ । ଯଦିଓ କିଛି ସମ୍ବେଦନଶୀଳ ପ୍ରସଙ୍ଗକୁ ଛୁଇଁ ନଥିଲେ, ତେବେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବର୍ଷିଥିଲେ । ତାହା ପରେ ଜାନୁଆରୀ ମାସରେ ଓଡ଼ିଶା ଆସିଥିଲେ ବି କୌଣସି ସଭା କି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ । ସେହିଭଳି ଶ୍ରୀକ୍ଷେତ୍ରରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଦିଲ୍ଲୀ ଫେରିଯାଇଥିଲେ । ଅମିତଙ୍କ ଏହି ଗସ୍ତକୁ ରାଜନୈତିକ ମହଲରେ ଏବେ ବେଶ୍ ଗୁରୁତ୍ୱ ଦିଆଯାଉଛି । କାରଣ ଓଡ଼ିଶାରେ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପିକୁ ଅଧିକ ସଫଳତା ଓ ଉତ୍ତର ପ୍ରଦେଶ ନିର୍ବାଚନରେ ବିଜେପିର ନିର୍ଭୁଲ୍ ରଣନୀତି ଦଳର କେନ୍ଦ୍ରୀୟ ନେତୃତ୍ୱକୁ ବେଶ୍ ଉତ୍ସାହିତ କରିଛି । ଓଡ଼ିଶାରେ ଦଳର ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ୍ କରିବା ଓ ଶାସନ ଗାଦି ଦଖଲ କରିବା ଲକ୍ଷ୍ୟରେ ରହିଛି ବିଜେପି । ଶୁଣାଯାଏ ୨୦୧୯ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତିର ମୂଳଦୁଆ ପକାଇବେ ଶ୍ରୀ ଶାହ । ଯେଉଁଥିପାଇଁ ରାଜ୍ୟ ବିଜେପି ଶିବିର ଏବେ ଖୁବ୍ ଚଳଚଞ୍ଚଳ । ଅମିତଙ୍କ ଆଗମନ ଅପେକ୍ଷାରେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଜୋରସୋର ଚାଲିଥିବା ସୂଚନା ମିଳିଛି ।

ସତରେ କ'ଣ ଦାମବାବୁ ଅସହାୟ !

ଭୁବନେଶ୍ୱର : ରାଜ୍ୟରେ ଚିନିକଳ ବନ୍ଦ ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଆଣିଥିବା ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଶାସକ ବିଜେଡିର ବରିଷ୍ଠ ନେତା ତଥା ସମବାୟ ମନ୍ତ୍ରୀ ➤ ପୃ-୭

ଲଣ୍ଡନ ଆକ୍ରମଣ ପଛରେ ଆଇଏସ୍‌ର ହାତ

ଲଣ୍ଡନ : ବ୍ରିଟେନ୍ ସଂସଦରେ ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଛି । ଆମେରିକା ନେତୃତ୍ୱାଧୀନ ମିଳିତ ବାହିନୀରେ ବ୍ରିଟେନ୍ ସାମିଲ ଥିବାରୁ ଏହି ଆକ୍ରମଣ କରାଯାଇଥିବା ଆଇଏସ୍ର ପ୍ରଚାର ସଂସ୍ଥା 'ଅମାକ୍' ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ ବ୍ରିଟେନ୍ ପାର୍ଲାମେଣ୍ଟ ନିକଟରେ ଗୁଳିକାଣ୍ଡ ଘଟିଯାଇଛି । ଏହି ଗୁଳିକାଣ୍ଡରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଥିବା ଜଣାପଡ଼ିଛି । ସଂସଦ ସମ୍ମୁଖରେ କର୍ତ୍ତବ୍ୟରତ ଜଣେ ସୁରକ୍ଷାକର୍ମୀଙ୍କୁ ଅଜଣା ଆତତାୟୀ ଛୁରାମାଡ଼ କରି ସଂସଦ ଭବନରେ ପ୍ରବେଶ ଉଦ୍ୟମ କରୁଥିବା ବେଳେ ସୁରକ୍ଷାବାହିନୀ ଗୁଳିରେ ପ୍ରାଣ ହରାଇଛି । ପ୍ରଥମେ ସଂସଦ ନିକଟ ୱେଷ୍ଟ ମିନିଷ୍ଟର ବ୍ରିଜ୍ ଉପରେ ଏକ ଗାଡ଼ି ଅତର୍କିତ ଭାବେ ପ୍ରବେଶ କରି ଲୋକଙ୍କ ଉପରେ ମାଡ଼ିଯିବା ଫଳରେ ଜଣେ ମହିଳାଙ୍କ ସମେତ ମୋଟ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ ଜଣ ଆହତ ହୋଇଥିଲେ । ପରେ ଗାଡ଼ିଟି ସଂସଦ ଭବନ ଲୁହାପାଚେରିରେ ଧକ୍କା ଖାଇଥିଲା । ଏଥିରୁ ଜଣେ ଆତତାୟୀ ବାହାରି ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ ଓ ଛୁରୀ ଦ୍ୱାରା ଆକ୍ରମଣ କରିଥିଲା । ➤ ପୃ-୭

ଜନତାଙ୍କୁ ବିଜୁଳି ଛାଟ

ଭୁବନେଶ୍ୱର : ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଥିବା ବେଳେ ଲୋକେ ଏଥିରେ ଅସହ୍ୟ ହେବାରେ ଲାଗିଛନ୍ତି । ମାତ୍ର ଏଥିରେ ସରକାର କୋରଡ଼ାମାଡ଼ କରିଛନ୍ତି । ଗ୍ରୀଷ୍ମ ସାଙ୍ଗକୁ ଲୋକଙ୍କ ଉପରେ ବିଜୁଳି ବୋଝ ଲଦିଦେଇଛନ୍ତି । ୫ ପ୍ରତିଶତ ବିଜୁଳି ଶୁଳ୍କ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ପାଇଁ ରାଜ୍ୟ ବିଜେପି ଦାବି କରିଛି । ଦଳ ମୁଖପାତ୍ର ସଜ୍ଜନ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଉପଭୋକ୍ତାଙ୍କ ଉପରେ ବିଜୁଳି ଦର ବୃଦ୍ଧି ଅନାବଶ୍ୟକ । ତେଣୁ ଏହା ପ୍ରତ୍ୟାହାର କରା ନଗଲେ ବିଜେପି ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ।

ସୂଚନାଯୋଗ୍ୟ, ବହୁ ପ୍ରତୀକ୍ଷିତ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଗୁରୁବାର ଅନୁମତି ଦେଇଛନ୍ତି । ୟୁନିଟ୍ ପିଛା ୧୦ ପଇସା ବୃଦ୍ଧି କରାଯାଇଛି । ହେଲେ ଏହି ବୃଦ୍ଧି ସାଧାରଣ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଥମ ୫୦ ୟୁନିଟ୍ ପର୍ଯ୍ୟନ୍ତ ଘରୋଇ ଉପଭୋକ୍ତା ଏବଂ କୃଷିକାର୍ଯ୍ୟ ପାଇଁ ବିଦ୍ୟୁତ୍

ବିଲ୍ ଉପରେ କୌଣସି ବୃଦ୍ଧି କରାଯାଇନାହିଁ ବୋଲି ଆୟୋଗଙ୍କ ନିୟାମକ ବ୍ୟାପାର ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି । ଏଠାରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ଅତିରିକ୍ତ ୫ ପ୍ରତିଶତ ରିହାତି ପ୍ରଦାନ କରାଯାଇ ଥିବାବେଳେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରିହାତି ଦିଆଯାଇଛି । ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଉପଭୋକ୍ତାଙ୍କୁ ପ୍ରତି ସ୍ଲାବ୍ ୟୁନିଟ୍ ପିଛା ୧୦ ପଇସା ବୃଦ୍ଧି କରାଯାଇଛି । ➤ ପୃ-୭

ବଦଳିବ ମନ୍ତ୍ରିମଣ୍ଡଳର ଚେହେରା !

ଭୁବନେଶ୍ୱର : ସାଧାରଣ ଲୋକଙ୍କ ସହ ସମ୍ପର୍କ ଓ ଦଳୀୟ ଆନୁଗତ୍ୟ ଆଧାରରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ନବକଳେବର ହେବ ବୋଲି ଜଣାପଡ଼ିଛି । ଏଥିରେ ବହୁ ନୂଆମୁହଁ ସାମ୍ନାକୁ ଆସିବାକୁ ଥିବାବେଳେ ଅନେକ ପୁରୁଣା ଚେହେରା ପଛକୁ ଫେରିବେ ବୋଲି ଚର୍ଚ୍ଚା ଚାଲିଛି । ସମ୍ଭାବ୍ୟ ମନ୍ତ୍ରିମଣ୍ଡଳକୁ ନେଇ ରାଜନୀତି ବିଶାରଦମାନେ କଳ୍ପନାଜଳ୍ପନା ଆରମ୍ଭ କରିଥିବା ବେଳେ କେଉଁମାନେ ଏଥିରୁ ବାଦ୍‌ପଡ଼ିବେ ବା କେଉଁ ନୂଆମୁହଁ ସାମ୍ନାକୁ ଆସିବେ, ତାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଚାରଧାରା ଉପରେ ନିର୍ଭର କରୁଛି । ରାଜ୍ୟର ସ୍ୱାର୍ଥ ଓ ବିକାଶକୁ ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ ଏଥର ନିଶ୍ଚୟ ସ୍ୱଚ୍ଛ ଭାବମୂର୍ତ୍ତି ଥିବା ନେତାଙ୍କୁ କ୍ଷମତାରେ ରଖିବେ । ଯେଉଁମାନେ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି, ସେମାନଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିପାରେ । ତେବେ ମନ୍ତ୍ରିମଣ୍ଡଳ ଅଦଳବଦଳ ପୂର୍ବରୁ ମାଷ୍ଟର ଷ୍ଟ୍ରୋକ୍ ଖେଳିଛନ୍ତି ନବୀନ । ବିଷ୍ଣୁ ଦାସଙ୍କୁ ରାଜ୍ୟସଭା ସଭ୍ୟପଦରୁ ଇସ୍ତଫା ଦେବାକୁ

ରାଜ୍ୟସଭା ପଦକୁ ନେଇ ଅଙ୍କକଷା

କହିଥିଲେ । ଫଳରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁବାବୁ ସାଂସଦ ପଦରୁ ଇସ୍ତଫା ଦେଇ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିଭଳି ରାଜ୍ୟସଭା ପଦ ପାଇଁ ଜଣେ ଦକ୍ଷ ବ୍ୟକ୍ତିତ୍ୱ ସନ୍ଧାନରେ ଅଛନ୍ତି ନବୀନ । ହୁଏତ ବଡ଼ ଭଉଣୀ ଗୀତା ମେହେଟ୍ଟା କିମ୍ବା ଏକାନ୍ତ ଅନୁଗତ ଭାବେ ପରିଚିତ ବିଜୟ ପଟ୍ଟନାୟକଙ୍କୁ ଏହି ଆସନ ଦେଇ ନିଜ ପରାମର୍ଶଦାତା ଭାବେ ରଖିପାରନ୍ତି । ଅପରପକ୍ଷେ ପଞ୍ଚାୟତ ନିର୍ବାଚନରେ ଯେଉଁ ନେତାଙ୍କ ଜିଲ୍ଲାରେ ବିଜେଡି ଖରାପ ପ୍ରଦର୍ଶନ କରିଛି, ସେମାନେ ମନ୍ତ୍ରିମଣ୍ଡଳରୁ ବିଦା ହୋଇପାରନ୍ତି । ଯୁବ ଚେହେରାକୁ ନୂଆ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱ ଦିଆଯିବା ସହ କିଛି ଯୁବମନ୍ତ୍ରୀଙ୍କୁ ମଧ୍ୟ ପଦ ହରାଇବାକୁ ପଡ଼ିପାରେ । ସେହିପରି ବାଚସ୍ପତି ପଦରେ କେହି ପୁରୁଖା ନେତା ନୂତନ ଭାବେ ଦାୟିତ୍ୱ ନେବାର ସମ୍ଭାବନା ରହିଛି । ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଏହି ଆସନ ପାଇ କ୍ୟାବିନେଟ୍‌କୁ ଫେରିପାରନ୍ତି । ୫ ଜଣ ଯୁବମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବିଦା ହୋଇପାରନ୍ତି । ନୂଆ ମନ୍ତ୍ରିମଣ୍ଡଳର ନୂଆ ଚେହେରାକୁ ନେଇ ନବୀନ ବାବୁ ନକ୍ସା ପ୍ରସ୍ତୁତ କରିସାରିଥିବା ସୂଚନା ମିଳୁଛି । ଆଗାମୀ ଏକ ସପ୍ତାହ ମଧ୍ୟରେ ରାଜ୍ୟ ମନ୍ତ୍ରିମଣ୍ଡଳର ନୂଆ ଚେହେରା ବାହାରକୁ ଦିଶିବ । ଏହାପରେ ଅଫିସର ସ୍ତରରେ ମଧ୍ୟ ବଡ଼ ଧରଣର ଅଦଳବଦଳ ସମ୍ଭାବନା ରହିଛି । ଯୁବ ଓ ଛାତ୍ର ବିଜେଡିରେ ମଧ୍ୟ ପୁନର୍ଗଠନ ହୋଇପାରେ ବୋଲି ବିଶେଷଜ୍ଞ ମହଲରୁ ଜଣାପଡ଼ିଛି ।

ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା ସମୃଦ୍ଧ : ରେଳମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାରେ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ରେଳପଥ ସହ ଯୋଡ଼ାଯିବ । ଏଥିଲାଗି ରେଳ ବିଭାଗ ପାଣ୍ଠି ଯୋଗାଇବାରେ ଆଦୌ କୁଣ୍ଠାବୋଧ କରିବ ନାହିଁ; ଯଦ୍ୱାରା ଓଡ଼ିଶାରେ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ସହିତ ଖଣିଜଦ୍ରବ୍ୟର ରପ୍ତାନି ତ୍ୱରାନ୍ୱିତ ହେବ । ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ପ୍ରମୁଖ ରେଳ ଷ୍ଟେସନକୁ ଅତ୍ୟାଧୁନିକ ଷ୍ଟେସନରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିସହ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ବିଭିନ୍ନ ଉତ୍ପାଦ ଏବଂ ଆଦିବାସୀ ଅଞ୍ଚଳର ହସ୍ତଶିଳ୍ପକୁ ରେଳବାଇ ଦେଶବିଦେଶରେ ପହଞ୍ଚାଇବ ବୋଲି ରେଳମନ୍ତ୍ରୀ ସୁରେଶ ପ୍ରଭୁ ଘୋଷଣା କରିଛନ୍ତି । ଭୁବନେଶ୍ୱର ରେଳଷ୍ଟେସନରେ ସମ୍ପ୍ରସାରିତ ଟ୍ରେନ୍ ଚଳାଚଳ ଆରମ୍ଭ ସହ କିଛି ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଶ୍ରୀ ପ୍ରଭୁ ଏହା କହିଥିଲେ ।

ଏହି ଅବସରରେ ଆୟୋଜିତ ଜନସଭାରେ ସେ କହିଥିଲେ ଯେ, କେନ୍ଦ୍ର ସରକାର ରେଳବାଇ କ୍ଷେତ୍ରରେ ଓଡିଶାକୁ ରେକର୍ଡ ପରିମାଣର ଅନୁଦାନ ଦେଇଛନ୍ତି । ରେଳ ଏପରି ମାଧ୍ୟମ ଯାହାଦ୍ୱାରା ରାଜ୍ୟ ତଥା ରାଜ୍ୟବାସୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ । ପର୍ଯ୍ୟଟନ ଦୃଷ୍ଟିରୁ ସମୃଦ୍ଧ ଓଡ଼ିଶାକୁ ବହୁସଂଖ୍ୟକ ପର୍ଯ୍ୟଟକ ଆସିବେ । କେବଳ ରେଳ ଯୋଗାଯୋଗ ନୁହେଁ; ବରଂ ଟ୍ରେନ୍‌ରେ ଯାତ୍ରା ସମୟରେ ଲୋକେ ଯେପରି ସୁଖକର ଅନୁଭୂତି ପାଇବେ ସେଥିଲାଗି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ପୂର୍ବାପେକ୍ଷା ରାଜ୍ୟରେ ଅନେକ ନୂଆ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇ ଥିବାବେଳେ ନିୟମିତ ଭାବେ ନୂଆ ରେଳଲାଇନ, ଷ୍ଟେସନ ନିର୍ମାଣ କରାଯାଉଛି । ଏଠାକାର ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ସେମାନଙ୍କର ବିଭିନ୍ନ ଉତ୍ପାଦର ମାର୍କେଟିଂ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ପ୍ରସ୍ତାବକୁ ରେଳ ବିଭାଗ ଗ୍ରହଣ କରିଛି । ➤ ପୃ-୭

ନୂଆ ଦିଶିବ ସଚିବାଳୟ ମାର୍ଗ

ଭୁବନେଶ୍ୱର : ରାଜଧାନୀକୁ ସ୍ମାର୍ଟସିଟି ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୂର୍ବରୁ ଜନପଥକୁ ସ୍ମାର୍ଟପଥରେ ପରିଣତ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ସରିଥିବା ବେଳେ ଏବେ ଆଚାର୍ଯ୍ୟ ବିହାର ଛକରୁ ଏୟାରପୋର୍ଟ ଛକକୁ ଯାଇଥିବା ରାସ୍ତା ଏହି ତାଲିକାରେ ସାମିଲ ହୋଇଛି । ୯.୩ କି.ମି. ଏହି ରାସ୍ତାକୁ ନୂଆ ରୂପ ଦିଆଯିବା ନେଇ ରାଜ୍ୟ ସରକାର ଯୋଜନା ତିଆରି କରିଛନ୍ତି । ଏଥିପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଏହି ପ୍ରକଳ୍ପ ବର୍ଷକ ମଧ୍ୟରେ ସାରିବାକୁ ରୂପରେଖ ପ୍ରସ୍ତୁତି ହୋଇଛି । ସ୍ମାର୍ଟ ସଚିବାଳୟ ମାର୍ଗ ପାଇଁ ଡିଜାଇନ୍ ଓ ଡିପିଆର୍ ପ୍ରସ୍ତୁତ କରିବା ଦାୟିତ୍ୱ ବିଡିଏକୁ ଦିଆଯାଇଛି । ସ୍ମାର୍ଟସିଟି ଅଧୀନ ଅଞ୍ଚଳରେ ଏହି ରସ୍ତା ଯାଉ ନଥିବାରୁ ଏହାର ନବୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ କରିବ ବୋଲି ଆପାତତଃ ସ୍ଥିର ହୋଇଛି । ବିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସତ୍ୟନଗର ବିଜନେସ୍

ଡିଷ୍ଟ୍ରିକ୍ଟକୁ ସୁବିଧାରେ ଯାତାୟତ କରିବା ପାଇଁ ବାଣୀବିହାରରୁ ଶିଶୁଭବନ ପର୍ଯ୍ୟନ୍ତ ଜନପଥକୁ ସ୍ମାର୍ଟ ଜନପଥ କରାଯିବ । ଏହାପରେ ଆଚାର୍ଯ୍ୟ ବିହାରରୁ ବିମାନ ବନ୍ଦ ଛକ ପର୍ଯ୍ୟନ୍ତ ରାସ୍ତାକୁ ସ୍ମାର୍ଟ ସଚିବାଳୟ ମାର୍ଗ କରିବାକୁ ନିଷ୍ପତ୍ତି ହୋଇଛି । ଏହି ଦୁଇ ରାସ୍ତାକୁ ରାଜଧାନୀର ପ୍ରମୁଖ ରାସ୍ତା ଭାବେ ପ୍ରସ୍ତୁତ କରାଯିବ ।

ସ୍ମାର୍ଟ ସଚିବାଳୟ ମାର୍ଗ ପାଇଁ ଏବେ କେତେକ ପ୍ରତିବନ୍ଧକ ଥିବାରୁ ଏହାର ସମାଧାନ ପାଇଁ ବିଭିନ୍ନ ବିଭାଗ ସହ ଆଲୋଚନା ଚାଲିଛି । ➤ ପୃ-୭

ଭିତର ପୃଷ୍ଠାରେ...

ଜିଲ୍ଲାପାଳଙ୍କୁ ମାସେ ଜେଲ୍
ନାଲିବତିକୁ ନା'
ଦୃଷ୍ଟାନ୍ତମୂଳକ ହେଉ
ଦେହ ମହକ
ଭିକାରୀମୁକ୍ତ ହେବ ଓଡ଼ିଶା !
ଦୁଷ୍ଟଆତ୍ମାର ଦୁର୍ଗ

ବାବ୍‌ରି ମାମଲାରେ ସୁପ୍ରିମକୋର୍ଟଙ୍କ ପରାମର୍ଶ

ଆଲୋଚନା ମାଧ୍ୟମରେ ସମାଧାନ ହେଉ

ନୂଆଦିଲ୍ଲୀ : ବହୁଚର୍ଚ୍ଚିତ ରାମମନ୍ଦିର-ବାବ୍‌ରି ମସ୍‌ଜିଦ ମାମଲା ଲୋକଙ୍କ ଆସ୍ଥା-ଆବେଗର ବିଷୟ ଏବଂ ଧାର୍ମିକ ସମ୍ବେଦନଶୀଳ ପ୍ରସଙ୍ଗ । ତେଣୁ କୋର୍ଟ ବାହାରେ ଏହା ସମାଧାନ ହେବା ଭଲ ବୋଲି କହିଛନ୍ତି ସୁପ୍ରିମ୍‌କୋର୍ଟ । ବିବାଦରେ ସଂଶ୍ଳିଷ୍ଟ ସମସ୍ତ ପକ୍ଷ ଏକାଠି ବସି ଆଲୋଚନା ମାଧ୍ୟମରେ ଏହର ଆପୋସ ସମାଧାନ କରିବା ଉଚିତ । ଦରକାର ପଡ଼ିଲେ କୌଣସି ବିଚାରପତି ଏଥିପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ । ପରବର୍ତ୍ତୀ ସମୟରେ ଏହି ମାମଲାର ବିଚାର ସଂକ୍ରାନ୍ତ ପୀଠାରେ ସମ୍ପୃକ୍ତ ବିଚାରପତି ବସିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ ପରେ ଏହି ମାମଲା ପୁଣି ତାଜା ହୋଇଛି ।

ବିଜେପି ସାଂସଦ ସୁବ୍ରମଣ୍ୟମ୍ ସ୍ୱାମୀ ଦୀର୍ଘବର୍ଷ ଧରି ବିଚାର ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୀଘ୍ର ସମାଧାନ ପାଇଁ ଯେଉଁ ଆବେଦନ କରିଥିଲେ, ତା' ଉପରେ ଶୁଣାଣି କରି ଏଭଳି ପରାମର୍ଶ ଦେଇଛନ୍ତି ପ୍ରଧାନ ବିଚାରପତି ଜଗଦୀଶ ଚନ୍ଦ୍ର ଖେହର । ଶ୍ରୀ ସ୍ୱାମୀ ମାମଲାରେ ଦୁଇପକ୍ଷ ଏକାଠି ବସିବା ସମ୍ଭବ ନୁହେଁ ବୋଲି ଦର୍ଶାଇବାରେ ପ୍ରଧାନ ବିଚାରପତି କହିଥିଲେ ଯେ ଉଭୟପକ୍ଷ ଯଦି ➤ ପୃ-୭

ଉତ୍କଳୀୟ ବୀରଙ୍କ ବୀରତ୍ୱର ଗାଥା

ପାଇକଆଖଡ଼ା ଲୁପ୍ତମୁଖରେ

**ଭୁବନେଶ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଉତ୍ତରପ୍ରଦେଶରେ ଯୋଗୀରାଜ୍ ରୋଡ୍‌ରୋମିଓ ସାବାଡ଼

ଲକ୍ଷ୍ନୌ : ଉତ୍ତରପ୍ରଦେଶରେ ଆରମ୍ଭ ହୋଇସାରିଛି ଯୋଗୀରାଜ୍। ଆଉ ଏହାର ପ୍ରଭାବରେ ବିଶେଷଭାବେ ସଂସ୍କାରିତ ହେବାକୁ ଯାଉଛି ପୋଲିସ ବିଭାଗ ଏବଂ ଅପରାଧ ଘଟାଉଥିବା ଦୁର୍ବୃତ୍ତମାନେ। କେବଳ ପୋଲିସ ବିଭାଗ ନୁହେଁ, ଶିକ୍ଷା ବିଭାଗରେ ମଧ୍ୟ ସଂସ୍କାର ଆଣିବା ପାଇଁ ଯୋଗୀ କଡ଼ା ପଦକ୍ଷେପ ଆରମ୍ଭ କରିଛନ୍ତି। ପୂର୍ବ ସରକାରରେ ଉତ୍ତରପ୍ରଦେଶର ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠିଥିବାରୁ ପ୍ରଥମେ ରୋଡ୍‌ରୋମିଓଙ୍କୁ ସାବାଡ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଅଚାନକ ହଜରତଜଙ୍ଗ ପୋଲିସ ଥାନା ପରିଦର୍ଶନ କରି ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ପ୍ରତ୍ୟକ୍ଷ ଅନୁସନ୍ଧାନ କରିଥିଲେ। ଏଥିସହ ପୂର୍ବରୁ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇରହିଥିବା ୧୦୦ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏମାନଙ୍କ ମଧ୍ୟରେ ବହୁ ଇନିସ୍ପେକ୍ଟର ରହିଥିବା ଜଣାପଡ଼ିଛି।

ସେହିପରି ସରକାରୀ ଅଫିସ୍‌ରେ ପାନ, ଗୁଟ୍‌ଖା ସହ ତମାଖୁ ନିଷେଧ କରି ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହର କରିଛନ୍ତି। ସରକାରୀ ଅଫିସ୍‌ଗୁଡ଼ିକରେ ପାନଛେପ ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଶିକ୍ଷା ବିଭାଗରେ ସଂସ୍କାର ଆଣିବା ପାଇଁ ପ୍ରଥମେ ଶିକ୍ଷକମାନେ ବିଦ୍ୟାଳୟକୁ ଜିନ୍ସ ପିନ୍ଧି ଆସିବା ଉପରେ କଟକଣା କରିଛନ୍ତି। ଏହାଦ୍ୱାରା ପିଲାମାନେ ଶିକ୍ଷକମାନଙ୍କ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ଦର୍ଶାଇ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

ଉଦ୍ଧତ ଆଇନ୍‌ଜୀବୀଙ୍କ ଉପରେ ଲଗାମ ଲାଗିବ

ଗଢ଼ାଯିବ ଅନୁଶାସନ ସମିତି

ନୂଆଦିଲ୍ଲୀ : ଦେଶର ସ୍ୱୟଂଚାଳିତ ବିଚାର ବ୍ୟବସ୍ଥାରେ ଖୁବ୍‌ଶୀଘ୍ର ଅନେକ ପରିବର୍ତ୍ତନ ଘଟିବାକୁ ଯାଉଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଆଇନ୍ ଆୟୋଗର ଜଣେ ସଦସ୍ୟ। ସୁପ୍ରିମ୍‌କୋର୍ଟଙ୍କ ଗତ ଜୁଲାଇ ମାସର ନିର୍ଦ୍ଦେଶ ଅନୁଯାୟୀ ଭାରତୀୟ ଆଡ୍‌ଭୋକେଟ୍ ଆଇନ୍-୧୯୬୧ରେ ସଂଶୋଧନ ପାଇଁ ଆଇନ୍ ଆୟୋଗ କିଛି ପ୍ରସ୍ତାବ ରଖୁଛନ୍ତି। ଏହାର ଅଂଶ ସ୍ୱରୂପ ବିଶୃଙ୍ଖଳିତ ତଥା ଉଦ୍ଧତ ଆଇନ୍‌ଜୀବୀନଙ୍କ ଉପରେ ଲଗାମ ଲଗାଇବା ଉପରେ ଆୟୋଗ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଭାରତୀୟ ଆଇନ୍‌ଜୀବୀ ପରିଷଦ (ବାର କାଉନ୍‌ସିଲ) ବାହାରୁ ଓ ସରକାରୀ ସ୍ତରରୁ କିଛି ବ୍ୟକ୍ତିଙ୍କୁ ନେଇ ଏକ ଅନୁଶାସନ ସମିତି ଗଠନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି; ଯାହାକୁ ସେମାନଙ୍କ ନିୟନ୍ତ୍ରଣ ଦାୟିତ୍ୱ ଦିଆଯିବ। ସମ୍ପ୍ରତି ଭାରତୀୟ ବାର୍ କାଉନ୍‌ସିଲ ଓ ରାଜ୍ୟ ବାର କାଉନ୍‌ସିଲ୍‌ଗୁଡିକ ସଦସ୍ୟମାନଙ୍କ ବିଶୃଙ୍ଖଳାର ବିଚାର କରୁଛନ୍ତି; ଯାହା ଉଚ୍ଛେଦ ହେବ। ଏହି ପ୍ରସ୍ତାବ ଆସନ୍ତା ସପ୍ତାହରେ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯିବ। ଆଇନ୍‌ଜୀବୀ ପରିଷଦ ତଥ୍ୟ ଅନୁଯାୟୀ, ସର୍ବଭାରତୀୟସ୍ତରରେ ବିଭିନ୍ନ ଅଦାଲତରେ ଆଇନ୍ ବ୍ୟବସାୟ କରୁଥିବା ଏହାର ସଦସ୍ୟମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଏଭଳି ବିଶୃଙ୍ଖଳିତ ଅଛନ୍ତି। ସେମାନଙ୍କ ନିକଟରେ ଆଇନ୍ ପରିଚାଳନା ପାଇଁ ଆବଶ୍ୟକ ପେସାଗତ ଯୋଗ୍ୟତା

କିମ୍ବା ଦକ୍ଷତାର ଅଭାବ ରହିଛି। ସେମାନେ ବିଭିନ୍ନ ସମୟରେ ନାନା ବିଶୃଙ୍ଖଳିତ ଆଚରଣ ଭିଆଇଥାନ୍ତି। କଥାକଥାକେ ଆନ୍ଦୋଳନ ଧର୍ମଘଟ କରିବା ସହ ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥାନ୍ତି। ଆଇନ୍‌ଜୀବୀ ପରିଷଦର କର୍ମକର୍ତ୍ତା ଆଇନ୍‌ଜୀବୀମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିବାରୁ ସେମାନେ ବିଶୃଙ୍ଖଳିତ ଆଇନ୍‌ଜୀବୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନଥାନ୍ତି କିମ୍ବା ସେମାନଙ୍କୁ ଲଗାମ ଦେବା ପାଇଁ କୌଣସି ପଦକ୍ଷେପ ନେଇ ନଥାନ୍ତି। କୌଣସି ଆଇନ୍‌ଜୀବୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଲେ କାର୍ଯ୍ୟକର୍ତ୍ତାମାନେ ନାନା ଚାପର ବଶବର୍ତ୍ତୀ ହୋଇଥାନ୍ତି। ଜଣେ ଆଇନ୍‌ଜୀବୀ ମହୀପାଲ ସିଂହ ରାଣାଙ୍କ ମାମଲାରେ ସୁପ୍ରିମ୍‌କୋର୍ଟ ଏଭଳି ମନ୍ତବ୍ୟ ଦେଇଥିଲେ। କୋର୍ଟଙ୍କ ତିନିଜଣିଆ ଖଣ୍ଡପୀଠ ଦର୍ଶାଇଥିଲେ ଯେ ଆଡ୍‌ଭୋକେଟ୍ ଆଇନ ତଥା ଆଇନ୍ ପେସା ଓ ଆଇନ୍‌ଜୀବୀଙ୍କୁ ନିୟନ୍ତ୍ରଣ କରିବା ସଂକ୍ରାନ୍ତ ପ୍ରଚଳିତ ବ୍ୟବସ୍ଥାର ସମୀକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏନେଇ ଖଣ୍ଡପୀଠ ବିଭିନ୍ନ ଆଇନ୍‌ଜୀବୀ ସଂଗଠନ ଓ ପରିଷଦଠାରୁ ମତାମତ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ଆଇନ୍ ଆୟୋଗଙ୍କୁ ପ୍ରଦତ୍ତ ଏକ ରିପୋର୍ଟରେ କୁହାଯାଇଛି ଯେ, ଅନୁଶାସନ ସମିତି ଗଠନରେ ଏହା ସହଯୋଗ କରିବ। ୩୫ ବର୍ଷରୁ ଅଧିକ କାଳ ପେସାରେ ଥିବା ବରିଷ୍ଠ ଆଇନ୍‌ଜୀବୀଙ୍କ ନାମ ଉପରୋକ୍ତ ସମିତିର ସଦସ୍ୟତା ପାଇଁ ପରିଷଦ ସୁପାରିସ କରିବ। ଆବଶ୍ୟକ ହେଲେ ଏହି ବୟସ ସୀମା ୨୫ ବର୍ଷକୁ ହ୍ରାସ କରାଯାଇପାରେ। ଏହାଛଡ଼ା ଭାରତୀୟ ଡାକ୍ତର ପରିଷଦ (ଏମ୍‌ସିଆଇ) କିମ୍ବା ସ୍ଥପତି ପରିଷଦ (କାଉନ୍‌ସିଲ ଅଫ୍ ଆର୍କିଟେକ୍‌ଚର) ଭାଞ୍ଚାରେ ମଧ୍ୟ ଆଇନ୍‌ଜୀବୀ ପରିଷଦ ଗଠନ କରାଯାଇପାରେ। ଏହାଦ୍ୱାରା ଆଇନ୍‌ଜୀବୀମାନେ ଆପଣାଛାଏଁ ସତର୍କ ଓ ଶୃଙ୍ଖଳିତ ହୋଇପାରିବେ।

୬୦% ଇଞ୍ଜିନିୟରିଂ ଗ୍ରାଜୁଏଟ୍ ବେକାର

ନୂଆଦିଲ୍ଲୀ : ଦେଶର ବିଭିନ୍ନ ବୈଷୟିକ ଅନୁଷ୍ଠାନରୁ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦% ବେକାର ରହୁଥିବା ଜଣାଯାଇଛି। ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ରିପୋର୍ଟ ଅନୁଯାୟୀ ଦେଶର ବୈଷୟିକ ଅନୁଷ୍ଠାନରୁ ପ୍ରତିବର୍ଷ ୮ଲକ୍ଷ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରୁଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୧୫% ଛାତ୍ରଛାତ୍ରୀ ନ୍ୟାସନାଲ ବୋର୍ଡ ଅଫ ଆକ୍ରିଡିସନ (ଏନବିଏ) ଅନୁମୋଦିତ ୩୨୦୦ ଅନୁଷ୍ଠାନରେ ଇଣ୍ଟର୍ଣ୍ଣସିପ୍ କରୁଛନ୍ତି। ଏହାର କାରଣ ହେଉଛି ଦେଶର ବୈଷୟିକ ଶିକ୍ଷାନୁଷ୍ଠାନର ମାନଦଣ୍ଡରେ ତାରତମ୍ୟ। ଏହି ତାରତମ୍ୟକୁ ଦୂର କରିବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ବୈଷୟିକ ଶିକ୍ଷାରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛି। ଏହି ଅନୁଯାୟୀ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠ ପଢିବା ପାଇଁ ଦେଶବ୍ୟାପୀ ଏକକ ପ୍ରବେଶିକା ପରୀକ୍ଷା କରାଯିବ। ୨୦୧୮ ଜାନୁଆରୀରୁ ବୈଷୟିକ ଅନୁଷ୍ଠାନରେ ନାମ ଲେଖା ପାଇଁ ଜାତୀୟ ପ୍ରବେଶିକା ପରୀକ୍ଷା (ଏନଇଇଟିଆଇ) ନାମରେ ଏକକ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ଅନୁଷ୍ଠାନର ଶିକ୍ଷକମାନଙ୍କ ଲାଗି ପ୍ରତିବର୍ଷ ପ୍ରଶିକ୍ଷଣ ବ୍ୟବସ୍ଥା ଓ ପାଠ୍ୟକ୍ରମରେ ପରିବର୍ତ୍ତନ କରାଯିବ। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଧିକାରୀଙ୍କ କହିବା ଅନୁଯାୟୀ ଏନଇଇଟିଆଇ ପ୍ରଥମ ପରୀକ୍ଷାକୁ ନ୍ୟାସନାଲ ଟେଷ୍ଟିଂ ସର୍ଭିସ (ଏନଟିଏସ୍) ପରିଚାଳନା କରିବ। ସମ୍ଭବତଃ ୨୦୧୮ ଜାନୁଆରୀ ସୁଦ୍ଧା ଏନଟିଏସ୍ ଏନଇଇଟିଆଇ ପରିଚାଳନା ଲାଗି ପ୍ରସ୍ତୁତ ହୋଇଯାଇଥିବ। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖା ପାଇଁ ହେଉଥିବା ଏନଇଇଟିକୁ ମଧ୍ୟ ଏନଟିଏସ୍ ପରିଚାଳନା କରିବ। ଏନଟିଏସ୍ ବର୍ଷକୁ ଦୁଇଥର ଏହିସବୁ ପରୀକ୍ଷା ପରିଚାଳନା କରିବ। ୨୦୨୨ ସୁଦ୍ଧା ବୈଷୟିକ ଅନୁଷ୍ଠାନର ୫୦% କାର୍ଯ୍ୟକ୍ରମ ଏନବିଏ ଦ୍ୱାରା ଅନୁମୋଦିତ ହୋଇଥିବ।

ସିନ୍ଧୁ ଜଳ ରାଜିନାମା ଉପରେ ଭାରତ-ପାକ୍ ଆଲୋଚନା

ଇସଲାମାବାଦ : ସିନ୍ଧୁ ଜଳ ରାଜିନାମାକୁ ନେଇ ଦେଖାଯାଇଥିବା ବିବାଦ ଉପରେ ଭାରତ-ପାକିସ୍ତାନ ଆଲୋଚନା କରିଛନ୍ତି। ସୋମବାର ଠାରୁ ଇସଲାମାବାଦରେ ଆରମ୍ଭ ହୋଇଥିବା ଦୁଇଦିନିଆ ଆଲୋଚନାରେ ସିନ୍ଧୁ ନଦୀ ଅବବାହିକାର ତିନି ନଦୀ ଉପରେ ନିଜ ନିଜର ଅଧିକାରକୁ ନେଇ ଉଭୟ ପକ୍ଷ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଭାରତର ସିନ୍ଧୁ ନଦୀ ଆୟୋଗର କମିଶନର ପିକେ ସାକସେନାଙ୍କ ନେତୃତ୍ୱରେ ଯାଇଥିବା ଭାରତର ୧୦ଜଣିଆ ପ୍ରତିନିଧି ଦଳ କଥାବାର୍ତ୍ତା ଆଗକୁ ବଢିବା ନେଇ ଆଶା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ରାଜିନାମା ଆଧାରରେ ଭାରତ ତାର ଅଧିକାର ଉପରେ କୌଣସି ପ୍ରକାର ସାଲିସ କରିବ ନାହିଁ। ତେବେ ପାକିସ୍ତାନ ଜଳ ସମ୍ପଦ ମନ୍ତ୍ରୀ ଖୱାଜ ଆସିଫ କହିଛନ୍ତି ରାଜିନାମାକୁ ସମ୍ମାନ ଜଣାଇବା ଦ୍ୱାରା ଦୁଇଦେଶର ସ୍ୱାର୍ଥ ସାଧନ ହେବ। ତେବେ ସିନ୍ଧୁ ନଦୀର ଅବବାହିକାର ନୀଲମ୍ ଓ ଝେଲମ ନଦୀରେ ଭାରତ ସରକାର ନିର୍ମାଣ କରୁଥିବା ଦୁଇଟି ହାଇଡ୍ରୋଇଲେକ୍ଟ୍ରିକ୍ ପାୱାର ପ୍ରକଳ୍ପକୁ ନେଇ ପାକିସ୍ତାନ ଉଦ୍‌ବେଗ ପ୍ରକାଶ କରିଛି। ଏହି ଦୁଇ ପ୍ରକଳ୍ପ ବାବଦରେ ଆଲୋଚନା ପାଇଁ ପାକିସ୍ତାନ ଗୁରୁତ୍ୱ ଦେଇଛି। ୧୯୬୦ରେ ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ସ୍ୱାକ୍ଷର ହୋଇଥିବା ଏହି ରାଜିନାମା ଉପରେ ପ୍ରତିବର୍ଷ ଆଲୋଚନା କରାଯିବାକୁ ଥିବାବେଳେ



୨୦୧୫ ମେ ଠାରୁ କୌଣସି ବୈଠକ ବସି ନାହିଁ। ଉରି ସେନାମୁଖ୍ୟାଳୟ ଉପରେ ପାକିସ୍ତାନ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତ ୬ମାସ ହେଲା ଏହି ଦ୍ୱିପାକ୍ଷିକ କଥାବାର୍ତ୍ତାକୁ ଏଡାଇ ଆସିଥିଲା।

'ଅଫିସରରାଜ୍ ଯୋଗୁଁ ଜନତାଙ୍କୁ ସୁଫଳ ମିଳୁନି'

ମୁମ୍ବଇ : ଦେଶର ବିକାଶ ପାଇଁ ଏକ ବିରାଟ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ ଦେଶର ବିକାଶ ପାଇଁ ସ୍ୱାଧୀନତା ସଂଗ୍ରାମ ଭଳି ଏକ ଆନ୍ଦୋଳନର ଆବଶ୍ୟକତା ରହିଛି। ନୂତନ ଭାରତ ଗଠନ ପାଇଁ ମୋଦି ଆନ୍ଦୋଳନର ଆହ୍ୱାନ ଦେବା ସହ 'ସମସ୍ତଙ୍କ ପାଇଁ ସୁଯୋଗ' ଓ 'ଭାରତୀୟଙ୍କ ପାଇଁ ସମ୍ମାନ' ଆଗାମୀ ଦିନର ବାର୍ତ୍ତା ହେବା ଉଚିତ୍ ବୋଲି ମତ ଦେଇଛନ୍ତି।

ବହୁବର୍ଷ ହେବ ରାଜନେତାଙ୍କ ଭୁଲ୍ ନୀତି ଯୋଗୁଁ ଦେଶ ବିପରୀତ ଦିଗରେ ଗତି କରୁଥିବା ବେଳେ ବର୍ତ୍ତମାନ ସେ ଅବସ୍ଥାରେ ପରିବର୍ତ୍ତନ ଆଣିବାର ସମୟ ଆସିଯାଇଛି ବୋଲି ମୋଦି ମତ ଦେଇଛନ୍ତି। ଦେଶବାସୀଙ୍କ ସାମଗ୍ରିକ



ବିକାଶ ପାଇଁ ସରକାର ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଅଫିସରରାଜ୍ ଯୋଗୁଁ ଏହାର ସୁଫଳ ସାଧାରଣ ଜନତା ପାଇପାରୁନାହାନ୍ତି। ସାଧାରଣ ଜନତାଙ୍କୁ ଏହିସବୁ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଦେବାକୁ ତୃଣମୂଳସ୍ତରରୁ ଆନ୍ଦୋଳନର ଆବଶ୍ୟକତା ରହିଛି। ନୂତନ ଭାରତ ଗଠନ ନିମନ୍ତେ ପ୍ରତ୍ୟେକ ଭାରତୀୟ ମିଳୁଥିବା ସୁଯୋଗର ସଦୁପଯୋଗ କରିବା ସହ ନିଜ ସାମର୍ଥ୍ୟକୁ ଚିହ୍ନିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ଦେଶର ବିକାଶ ନିମନ୍ତେ କେନ୍ଦ୍ର ସରକାର କେତେକ କେଠାର ନିଷ୍ପତ୍ତି ନେଇଛନ୍ତି। ତେବେ ଏହାର ସୁଫଳ ଧୀରେ ଧୀରେ ମିଳିବାକୁ ଆରମ୍ଭ କରିଛି ବୋଲି ମୋଦି ସ୍ପଷ୍ଟ କରି ଦେଇଛନ୍ତି। ସାଧାରଣ ଜନତାଙ୍କ ଅସୁବିଧା ସଂପର୍କରେ ତଥ୍ୟ ସଂଗ୍ରହ ସହ ଏହାର ତ୍ୱରିତ ସମାଧାନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଉପଯୁକ୍ତ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ତାଙ୍କ ସରକାର ପ୍ରଗତି ନାମରେ ଏକ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛନ୍ତି ମୋଦି ସୂଚନା ଦେଇଛନ୍ତି।

ବାଡୁଅ ମୁଖ୍ୟମନ୍ତ୍ରୀ ତାଲିକା ବଢୁଛି

ନୂଆଦିଲ୍ଲୀ : ଦେଶରେ ଏବେ ଅବିବାହିତ ମୁଖ୍ୟମନ୍ତ୍ରୀଙ୍କ ତାଲିକା ଲମ୍ବିବାରେ ଲାଗିଛି। ମହନ୍ତରୁ ରାଜନେତା ପାଲଟିଥିବା ଯୋଗୀ ଆଦିତ୍ୟନାଥ (୪୪) ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଏହି ସଂଖ୍ୟା ୬ରେ ପହଞ୍ଚିଛି। ପୂର୍ବରୁ ଏହି କ୍ଲବ୍‌ରେ ଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (୭୦), ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସେନୋୱାଲ (୫୪), ହରିଆଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର (୬୨) ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ (୫୬)। ଯୋଗୀ ଆଦିତ୍ୟନାଥ ଏହି ତାଲିକାରେ କନିଷ୍ଠ ସଦସ୍ୟ। ତାଙ୍କୁ ବର୍ତ୍ତମାନ ୪୪ ବର୍ଷ। ସେ ଜଣେ କଠୋରପନ୍ଥୀ ହିନ୍ଦୁତ୍ୱବାଦୀ ନେତା ଭାବେ ପରିଚିତ।

ଆମେରିକାକୁ ଚୀନ୍‌ର ଚେତାବନୀ

ବେଜିଂ : ତାଇୱାନ୍‌କୁ ଅସ୍ତ୍ରଶସ୍ତ୍ର ବିକିବା ନେଇ ଆମେରିକାକୁ ଚେତାବନୀ ଶୁଣାଇଛି ଚୀନ୍। ଏହାର ବୈଦେଶିକ ବିଭାଗ ମୁଖପାତ୍ର ହୁଆ ଚୁନିଂ କହିଛନ୍ତି ଯେ ତାଇୱାନ ହେଉଛି ଚୀନ୍ ନିୟନ୍ତ୍ରଣାଧୀନ। ଏହାକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ବିପଜ୍ଜନକ। ଏଣୁ ତାଇନା ନୀତିକୁ ସମ୍ମାନ ଦେଇ ଟ୍ରମ୍ପ ପ୍ରଶାସନ ତାଇୱାନ୍‌କୁ ଅସ୍ତ୍ର ବିକିବା ନିଷ୍ପତ୍ତିରୁ ଓହରିଯିବା ଉଚିତ; ନଚେତ୍ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବ। ଆମେରିକା ସେକ୍ରେଟାରୀ ଅଫ ଷ୍ଟେଟ୍ ରେକ୍ସ ଟିଲେରସନ୍ ବେଜିଂ ଗସ୍ତରୁ ଫେରିବାର ଦିନକ ପରେ ଦେଶର ଗଣମାଧ୍ୟମରେ ଏହି ଅସ୍ତ୍ର ବିକିବା ସଂକ୍ରାନ୍ତ ଖବର ପ୍ରକାଶ ପାଇବା ନେଇ ଚୀନ୍ କର୍ତ୍ତୃପକ୍ଷ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଜିପିଏଫ୍ ଉଠାଣ କୋହଳ

ମୁମ୍ବଇ : ସରକାରୀ କର୍ମଚାରୀଙ୍କ ପାଇଁ ଭଲ ଖବର। କେନ୍ଦ୍ର ସରକାର ସୋମବାର ସାଧାରଣ ଭବିଷ୍ୟନିଧି ପାଣ୍ଠି ନିୟମକୁ କୋହଳ କରିଛନ୍ତି। କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରାଳୟ ପକ୍ଷରୁ ଏ ସମ୍ପର୍କରେ ଆଜି ଘୋଷଣା କରାଯାଇଛି। ବିଶେଷ କରି କର୍ମଚାରୀ/ସଦସ୍ୟଙ୍କ ଦ୍ୱାରା ଜିପିଏଫ୍ ଟଙ୍କା ଉଠାଣ ଏବଂ ଅଗ୍ରୀମ ଅର୍ଥ ନେବା ନିୟମକୁ କୋହଳ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ରୀୟ କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି ଜିପିଏଫ୍ ଅର୍ଥ ଉଠାଣ ନିୟମକୁ କୋହଳ କରାଯାଇଥିବା ପିଏମ୍‌ଓ, କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଜିପିଏଫ୍ ଅର୍ଥ ଉଠାଣ ଲାଗି କାଗଜପତ୍ରର ପ୍ରମାଣପତ୍ର ଦାଖଲ ବ୍ୟବସ୍ଥାକୁ ଏବେ ଉଠାଇ ଦିଆଯାଇଛି। କର୍ମଚାରୀଙ୍କ ଦ୍ୱାରା କେବଳ ଏକ ଘୋଷଣାନାମା ଏଥିପାଇଁ ଯଥେଷ୍ଟ ବୋଲି ସିଂ କହିଛନ୍ତି। ସେହିପରି କର୍ମଚାରୀଙ୍କୁ ଜିପିଏଫ୍ ଅର୍ଥ ମଞ୍ଜୁର କରିବା ଏବଂ ପ୍ରଦାନ କରିବା ଲାଗି ସର୍ବନିମ୍ନ ସମୟସୀମା ୧୫ ଦିନ ଧାର୍ଯ୍ୟ କରାଯାଇଛି। ଜରୁରୀ ସ୍ଥିତିରେ ୭ଦିନ ମଧ୍ୟରେ କର୍ମଚାରୀଙ୍କୁ ଅର୍ଥ ପ୍ରଦାନ କରାଯିବ। ଏସବୁ ବ୍ୟତୀତ ଜିପିଏଫ୍ ଅର୍ଥ ଉଠାଣ ସୀମାରେ ବୃଦ୍ଧି କରାଯାଇଛି। ଏହି ଅନୁଯାୟୀ, ଗୃହ ନିର୍ମାଣ ଲାଗି କର୍ମଚାରୀ ଜମା ଥିବା ଅର୍ଥର ୯୦% ଉଠାଇପାରିବେ। ସେହିଭଳି ଯାନ କ୍ରୟ ଲାଗି ଜମା ଅର୍ଥର ତିନି ଚତୁର୍ଥାଂଶ ଅର୍ଥ ଉଠାଇପାରିବେ।

ଜିଲ୍ଲାପାଳଙ୍କୁ ମାସେ ଜେଲ୍

ବିଶାଖପାଟଣା : ହାଇଦରାବାଦ ଉଚ୍ଚନ୍ୟାୟାଳୟ ଦ୍ୱାରା ଗ୍ରେଟର ବିଶାଖପାଟଣାର ପୂର୍ବତନ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ବର୍ତ୍ତମାନର ବିଶାଖପାଟଣା ଜିଲ୍ଲାପାଳଙ୍କୁ ୧ମାସ ଜେଲ୍ ଓ ୧୫୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଶାଖପାଟଣାର ଜୁପିଟର ଅଟୋମୋବାଇଲ କମ୍ପାନୀ ଦ୍ୱାରା ଦାୟର କରାଯାଇଥିବା ମାମଲାକୁ ଆଧାର କରି ଉଚ୍ଚନ୍ୟାୟାଳୟ ଏହି ଆଦେଶ ଜାରି କରିଥିବା ଜଣାପଡିଛି। ଜିଲ୍ଲାପାଳଙ୍କ ଦ୍ୱାରା ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟରେ କୌଣସି ଅପିଲ କରାଯାଇ ନଥିବାରୁ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ଏହି ଆଦେଶକୁ ବର୍ତ୍ତମାନ ସ୍ଥଗିତ ରଖିଥିବା ଜଣାପଡିଛି। ଘଟଣାରୁ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 27th Mar -02nd Apr, 2017
ଭୁବନେଶ୍ୱର, ୨୭ ମାର୍ଚ୍ଚ-୦୨ ଏପ୍ରିଲ, ୨୦୧୭

ଶ୍ରୀକ୍ଷେତ୍ରରେ ହେବ ସବୁ ରାଜ୍ୟର ଅତିଥି ଭବନ

ପ୍ରକଳ୍ପକୁ ସବୁଜ ସଂକେତ

ପୁରୀ : ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଏନ୍‌କ୍ଲେଭ ପ୍ରକଳ୍ପକୁ ସବୁଜ ସଂକେତ ମିଳିଛି । ଇଡ୍‌କୋର ପ୍ରସ୍ତାବକୁ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ଅନୁମୋଦନ କରିଛି । ବାଲୁଖଣ୍ଡ ରାଜସ୍ୱ ମୌଜାର ୩୨ ଏକର ଜମିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ସେଠାରେ ସବୁ ରାଜ୍ୟର ଅତିଥିଭବନ ନିର୍ମାଣ ପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ଆବଣ୍ଟନ କରିବେ । ଏହାଛଡ଼ା ଆଗ୍ରହୀ ଜାତୀୟ ସରକାରୀ ଉଦ୍ୟୋଗଗୁଡ଼ିକୁ ମଧ୍ୟ ସୁଲଭ ମୂଲ୍ୟରେ ଜମି ଯୋଗାଇ ଦିଆଯିବ । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସର୍ବବୃହତ୍ ଆଧ୍ୟାତ୍ମିକ ସମ୍ମିଳନୀ କକ୍ଷ, ମଲ୍ଟିପ୍ଲେକ୍ସ, ସୁଇମିଂ ପୁଲ୍, ମିନି ହେଲିପ୍ୟାଡ୍ ଆଦି ସେଠାରେ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ଶ୍ରୀଜଗନ୍ନାଥ ଏନ୍‌କ୍ଲେଭରୁ ଶ୍ରୀମନ୍ଦିର ଏବଂ ସମୁଦ୍ରକୂଳ ପର୍ଯ୍ୟନ୍ତ ସିଟିବସ୍ ସେବା କାର୍ଯ୍ୟକାରୀ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ପୁରୀ ତହସିଲ ପକ୍ଷରୁ ଏଥିପାଇଁ ଇଡ୍‌କୋକମୁ ଜମି ଯୋଗାଇ ଦିଆଯାଇଛି । ବାଲୁଖଣ୍ଡ ମୌଜା ହାଲ୍‌ଖାତା ୫୨୧/୩୦୦୭, ପ୍ଲଟ୍ ନଂ-୧୪୩୯/୭୮୭୫ ଏବଂ ୧୫୬୦/୭୮୭୬ରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପୁରୀ-କୋଣାର୍କ ବେଳାଭୂମି ମାର୍ଗ ନିକଟରେ ଏହି ଜମି ଅବସ୍ଥିତ । ପିକେଡିଏ ସୂଚନା ଅନୁଯାୟୀ ୬୦ ପ୍ରତିଶତ ଜମିରେ ବିଭିନ୍ନ ରାଜ୍ୟର ଅତିଥିଭବନ, ଅବଶିଷ୍ଟ ୪୦ ପ୍ରତିଶତ ଜମିରେ ଅନ୍ୟ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ, ତାହାକୁ ସମ୍ପୂର୍ଣ୍ଣ ପରିବେଶ ଭିତ୍ତିକ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କିଛିଦିନ ତଳେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହାର ପରିକଳ୍ପନା କରାଯାଇଥିଲା । ମଙ୍ଗଳବାର ଅନୁଷ୍ଠିତ ପିକେଡିଏ ବୈଠକରେ ରାଜ୍ୟ ସହର ଯୋଜନା ନିର୍ଦ୍ଦେଶକ ଶୁଭେନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ପୁରୀ ବଡ଼ଦାଣ୍ଡରେ ଥିବା ବଗଲା ଧର୍ମଶାଳା ଭଙ୍ଗାଯାଇ ସେଠାରେ ଶ୍ରୀଜଗନ୍ନାଥ ବିଶ୍ରାମ ଭବନ ନିର୍ମାଣ ପ୍ରସ୍ତାବକୁ ମଧ୍ୟ ପିକେଡିଏ ଅନୁମୋଦନ କରିଛି । ହୃଦୟ ଯୋଜନାରେ ଏଥିପାଇଁ ୧୭.୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ତାହାର ପୁନଃନିର୍ମାଣ କରାଯିବ ବୋଲି ଜଣାପଡ଼ିଛି ।

ସିଲ୍ ହେବ ନବୀନ ନିବାସ ସମ୍ମୁଖ ରାସ୍ତା

ଭୁବନେଶ୍ୱର : ନବୀନ ନିବାସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ । ଆଉ ସାଧାରଣ ଲୋକ ନବୀନ ନିବାସ ନିକଟକୁ ଯାଇପାରିବେନି । ଏଭଳି ଯୋଜନା କରିଛି ଗୃହ ବିଭାଗ । ଏଥିପାଇଁ ନବୀନ ନିବାସ ସମ୍ମୁଖରେ ଥିବା ବିମାନବନ୍ଦର ପାଚେରି ଭଙ୍ଗାଯାଇ ବିମାନବନ୍ଦର ସୀମାରେ ଥିବା ଜମିରେ ନୂଆ ରାସ୍ତା ନିର୍ମାଣ କରାଯିବ । ବିଭିନ୍ନ ସମୟରେ ଆନ୍ଦୋଳନକାରୀମାନେ ଧସେଇ ପଶିବାକୁ ଉଦ୍ୟମ କରିବା ସହ ସମ୍ମୁଖରେ ଧାରଣା ଦେଉଛନ୍ତି । ଏପରିକି କେତେକ ଆତ୍ମାହୂତି ଉଦ୍ୟମ ମଧ୍ୟ କରିଛନ୍ତି । ନବୀନ ନିବାସ ଭିଭିଆଇପି ସୁରକ୍ଷା ବଳୟରେ ଯାଉଥିବାରୁ ଏଠାରେ ବର୍ଷତମାମ୍ ୧୪୪ ଧାରା ଜାରି କରିବାକୁ ଗୃହ ବିଭାଗ ଯୋଜନା କରିଛି । ନବୀନ ନିବାସ ସୁରକ୍ଷା ବଢ଼ାଇବାକୁ ଯାଇ ସାଧାରଣ ପ୍ରଶାସନ ବିଭାଗ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ୩.୨୦୦ ଏକର ଜମି ଅଦଳବଦଳ କରିବାକୁ ନିଷ୍ପତ୍ତି ନେଇଛି । ଆଉ ଖୁବ୍‌ଶୀଘ୍ର ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ କରି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ । ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ଭୀମପୁର ମୌଜାର ଜମି ନଂ.୬୫୯ର ଏକ ଏକକର ୬୦୦ ଡିସିମିଲ୍ ଏବଂ ୦.୦୮୦ ଏକର ଜମି, ଖାତା ନଂ ୭୪୬ରେ ଥିବା ପ୍ଲଟ ନଂ-୧୦୩୫ରୁ ୧.୫୨୦ ଏକର ଜମିକୁ ସାଧାରଣ ପ୍ରଶାସନ ବିଭାଗ ଅଧିଗ୍ରହଣ କରିବ । ଏଠାରେ ଦୁଇ ଥାକିଆ ରାସ୍ତା ନିର୍ମାଣ କରିବ । ଏହି ରାସ୍ତା ପୁରୁଣା ବିମାନ ବନ୍ଦର ଛକରୁ ପୁନାମା ଗେଟ୍ ପର୍ଯ୍ୟନ୍ତ ହେବ । ଏହି ନୂଆ ରାସ୍ତା ପୁରୁଣା ରାସ୍ତାର ସମାନ୍ତରାଳ ରାସ୍ତା ହେବ । ବିମାନବନ୍ଦର ପରିସରରେ ଥିବା ଏହି ଜମିରେ ବିମାନ ଚଳାଚଳ କରୁ ନଥିବାରୁ ଏହି ଜମି ହସ୍ତାନ୍ତର କରିବାରେ କିଛି ଅସୁବିଧା ନାହିଁ । ଏହି ୩.୨୦୦ ଏକର ଜମି ଦେଇ ରାଜ୍ୟ ସରକାରଙ୍କ ଠାରୁ ୩.୨୦୦ ପ୍ରତିବଦଳ ଭାବେ ଆଣିବୁ ବୋଲି ଭୁବନେଶ୍ୱର

ବିମାନବନ୍ଦର ନିର୍ଦ୍ଦେଶକ ଆର୍.ମହାଲିଙ୍ଗମ୍ କହିଛନ୍ତି । ଏନେଇ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି ବୋଲି କର୍ତ୍ତୃପକ୍ଷ କହିଛନ୍ତି । ସେହିପରି ରାଜ୍ୟ ସରକାର ଏହି ଜମି ବଦଳରେ ଭୀମପୁର ମୌଜାର ଖାତା ନଂ ୭୪୬ର ପ୍ଲଟ୍ ନଂ ୪୯୫/୧୬୬୪ରୁ ୧.୬୦୦ ଏକର, ୦.୩୦୭ ଏକର ଏବଂ ପ୍ଲଟ ନଂ- ୪୯୩ରୁ ୧.୨୯୩ ଏକର ଜମି ରାଜ୍ୟ ସରକାରଙ୍କୁ ଦେବେ । ଏହି ଜମିରେ ବିମାନବନ୍ଦର କର୍ତ୍ତୃପକ୍ଷ ଟ୍ୟାକ୍ସି ରନୱେ କରିବେ ବୋଲି ଜଣାପଡିଛି । ବିମାନବନ୍ଦର କର୍ତ୍ତୃପକ୍ଷ ଯେପରି ସହଜରେ ଜମି ଅଧିଗ୍ରହଣ କରିବେ ସେଥିପାଇଁ ସାଧାରଣ ପ୍ରଶାସନ ବିଭାଗ ଶୀଘ୍ର ଜମି ଚିହ୍ନଟ କରିବ ଏବଂ ହସ୍ତାନ୍ତର କରିବ ବୋଲି ଜଣାପଡିଛି । ସାଧାରଣ ପ୍ରଶାସନ ବିଭାଗ ସର୍ତ୍ତ ରଖିଛି ଯେ, ଏହି ୩.୨୦୦ ଏକର ଜମି କେବଳ ଟାକ୍ସି ରନୱେ ପାଇଁ ବ୍ୟବହାର ହେବ । ଏହି କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ ହେବ । ନଚେତ୍ ବିମାନବନ୍ଦର କର୍ତ୍ତୃପକ୍ଷ ଜମି ଫେରାଇବେ ବୋଲି ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନବୀନ ନିବାସ ସୁରକ୍ଷା ପାଇଁ ଦୈନିକ ୧୩୦ଜଣ ଏସ୍‌ଏସ୍‌ବି ଯବାନ ମୁତୟନ ହେଉଛନ୍ତି । ତିନିଟି ସିଫ୍ଟରେ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି । ପ୍ରତି ସିଫ୍ଟରେ ଗୋଟେ ପ୍ଲାଟୁନ୍ ପୋଲିସ ସୁରକ୍ଷା ଦାୟିତ୍ୱରେ ରହୁଥିବା ବେଳେ ୧୦ଜଣ ଯବାନ୍ ରିଜର୍ଭରେ ଥାଆନ୍ତି । ଏହି ରାସ୍ତା ଏବେ ସାଧାରଣ ଲୋକ ବ୍ୟବହାର କରୁଥିବାରୁ କେତେବେଳେ କିଏ ହଠାତ୍ ଆସି ଧାରଣାରେ ବସି ଯାଉଛନ୍ତି କି ଆତ୍ମାହୂତି ଦେଉଛନ୍ତି ତାହା ଠଉରାଇବା କଷ୍ଟକର ହେଉଛି । ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି । ଗତ ୪ମାସ ହେଲା ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଉକ୍ତ ଅଧିକାରୀ ଜଣକ କହିଛନ୍ତି ।

'ଦରମା ବଢ଼ାଅ ଓ ଲ୍ୟାଡ୍ ୫ କୋଟି କର'

ଭୁବନେଶ୍ୱର : ବଜାର ଦର ଅନୁସାରେ କର୍ମଚାରୀଙ୍କ ଦରମା ବଢୁଛି । କିନ୍ତୁ ବିଧାୟକମାନଙ୍କ ଦରମା ଅପରିବର୍ତ୍ତିତ ଅଛି । ମାତ୍ର ୧୫-୧୬ ହଜାର ଟଙ୍କା ଦରମାରେ ଆଉ ଚଳିବା କଷ୍ଟକର । ଅନ୍ୟ ରାଜ୍ୟ ଗୁଡିକରେ ବିଧାୟକମାନଙ୍କ ଦରମା ବଢ଼ିଛି । ଦଳମତ ନିର୍ବିଶେଷରେ ସବୁ ବିଧାୟକ ଦରମା ବୃଦ୍ଧି ସହ ବିଧାୟକଙ୍କ ବାର୍ଷିକ ହାତପାଣ୍ଠିକୁ ଏକକୋଟି ଟଙ୍କା ପରିବର୍ତ୍ତେ ୩ରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ କରିବା ପାଇଁ ଦାବି ଜଣାଇଛନ୍ତି । ଏହାବ୍ୟତୀତ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିକୁ ମଧ୍ୟ ବୃଦ୍ଧି ପାଇଁ ସବୁଦଳର ବିଧାୟକମାନେ ଦାବି ରଖିଛନ୍ତି । ଶୂନ୍ୟକାଳରେ ବିଧାୟକ ନବ ଦାସ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ବିଧାୟକମାନଙ୍କ ଦରମା ଓ ପେନ୍‌ସନ୍ ବୃଦ୍ଧି ହେବା ଉଚିତ୍ । ବିଧାୟକ ପାଣ୍ଠିକୁ ଅତିକମ୍‌ରେ ୫ କୋଟି ଟଙ୍କା କରାଯାଉ ଓ ସ୍ୱତନ୍ତ୍ର ପାଣ୍ଠି ପରିମାଣକୁ ମଧ୍ୟ ବୃଦ୍ଧି କରାଯାଉ । ସେହିପରି କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ମାଝୀ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିକୁ ୪୦ଲକ୍ଷ ଟଙ୍କା, ପେନ୍‌ସନ୍ ଓ ଦରମା ବୃଦ୍ଧି ସହ ବିଧାୟକଙ୍କ ହାତପାଣ୍ଠି ବଢ଼ାଇବାକୁ ଦାବି କରିଛନ୍ତି । ବିଜେଡି ବିଧାୟକ ଦେବାଶିଷ ନାୟକ ବିଧାୟକଙ୍କ ହାତପାଣ୍ଠିକୁ ୩ କୋଟି ଟଙ୍କାକୁ ବୃଦ୍ଧି, ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଓ ପେନ୍‌ସନ୍‌କୁ ବୃଦ୍ଧି ପାଇଁ ଦାବି ଜଣାଇଛନ୍ତି । ଅର୍ଥାଭାବରୁ ପୂର୍ବତନ ବିଧାୟକମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବାରୁ ସରକାର ଏଥିପ୍ରତି ଯତ୍ନଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ବିଧାୟକଙ୍କ ଦରମା ମାତ୍ର ୧୬ ହଜାର ଟଙ୍କା ଥିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ବିଧଶୟକମାନଙ୍କ ଖର୍ଚ୍ଚ ବଢୁଥିବାରୁ ଏହି ଦରମା ବୃଦ୍ଧି ପାଇଁ ସେ ଦାବି କରିଥିଲେ । ଏହା ବ୍ୟତୀତ ହାତପାଣ୍ଠି ଓ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିର ପରିମାଣ ବଢ଼ାଇବାକୁ ଦାବି ଜରାଇଛନ୍ତି । ବିଜେପି ବିଧାୟକ ରବି ନାଏକ ଓ ପ୍ରଦୀପ ପୁରୋହିତ ମଧ୍ୟ ବିଧାୟକଙ୍କ ଦରମା, ହାତପାଣ୍ଠି ଓ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ବୃଦ୍ଧି ପାଇଁ ଦାବି କରିଛନ୍ତି । ବିଜେଡି ବିଧାୟକ ସୁବ୍ରତ ତରାଇ, ମାୟାଧର ଜେନା ମଧ୍ୟ ଦରମା ବୃଦ୍ଧି ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ଅନ୍ୟପକ୍ଷରେ ବିଜେଡି ବିଧାୟକ ମହେଶ ସାହୁ ବିଧାୟକଙ୍କ ହାତପାଣ୍ଠିକୁ ଅତିକମ୍‌ରେ ୩ କୋଟି ଟଙ୍କା କରିବାକୁ ମତ ରଖିଥିଲେ । ଏହାସହିତ ସରକାରଙ୍କ ସମସ୍ତ ଯୋଜନାରେ ବିଧାୟକଙ୍କୁ ଅତିକମ୍‌ରେ ୩୦ରୁ ୪୦ ପ୍ରତିଶତ ପ୍ରକଳ୍ପ ପାଇଁ ଅଧିକାର ଦେବାକୁ ସେ ଦାବି କରିଥିଲେ ।

ଜାମିନରେ ଆସିଲେ ୭୦ ଭୂୟାଁ ଆଦିବାସୀ

କେନ୍ଦୁଝର : ସଦର ଥାନା ଅଧୀନସ୍ଥ ଶୁଆକାଟି ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ମାଡ ଓ ଫାଣ୍ଡି ଭଙ୍ଗାରୁଜା ଘଟଣାରେ ପୋଲିସ ୨ଜଣ ନାବାଳକଙ୍କ ସମେତ ୮୧ନିରୀହ ଆଦିବାସୀଙ୍କୁ ସଦର ପୋଲିସ ୧୫ତାରିଖ ଦିନ ଗିରଫ କରି କୋର୍ଟଚାଲାଣ କରିଥିଲା । ପ୍ରକୃତ ଦୋଷୀଙ୍କୁ କୌଣସି ତର୍ଜମା ନକରି ନିରୀହ ଆଦିବାସୀଙ୍କୁ ଗିରଫ କରିବା ଜିଲ୍ଲାରେ ଅନେକ ସଂଗଠନ ବିରୋଧ କରିବା ସହ ନିନ୍ଦା କରିଛନ୍ତି । ପଞ୍ଚାୟତ ନିର୍ବାଚନରେ ସୁଶାନ୍ତ କୁମାର ବାରିକ ଏବଂ ତାଙ୍କ ଗୋଷ୍ଠୀ ମିଳିତ ଭାବେ ପରାଜିତ ଗୋଷ୍ଠୀର ଜଣେ ଯୁବକଙ୍କୁ ଗତ ୧୩ ତାରିଖ ହୋଲି ଦିନ ଶୁଆକାଟୀ ତଳମାଇନିଂ ଛକ ନିକଟରେ ଆକ୍ରମଣ କରିଥିଲେ । ଏ ନେଇ ସଦର ଥାନାରେ ଅଭିଯୋଗ ହେବା ପରେ ମଧ୍ୟ ପୋଲିସ କାର୍ଯ୍ୟନୁଷ୍ଠାନରେ ବିଳମ୍ବ କରିଥିଏଏ । ତେଣୁ ୧୫ ତାରିଖ ବୁଧବାର ପରାଜିତ ଗୋଷ୍ଠୀର ଲୋକମାନେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ ପାଇଁ ଆସିଥିବା ବେଳେ ସଦର ପୋଲିସ ପକ୍ଷରୁ ଅନ୍ୟାୟ ଭାବରେ ୮୧ ଜଣଙ୍କୁ ଗିରଫ କରାଯାଇଥିଲା । ଏପରିକି ୨ଜଣ ନିରୀହ ନାବାଳକ ଏବଂ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟ ପୋଲିସ ଗିରଫ କରି ବିବାଦୀୟ ହୋଇପଡ଼ିଥିଲା । ପୂର୍ବରୁ ୧୦ ତାରିଖରେ ପୋଲିସ ଉପରେ ଆକ୍ରମଣ ହୋଇଥିବାବେଳେ ଉକ୍ତଦିନ ଗଣ୍ଡଗୋଳରେ ନଥାଇ ୧୧ ତାରିଖ ଦିନ ହଷ୍ଟେଲରୁ ଆସିଥିବା ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଶୁଆକାଟି ବାଳକ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ମୋହନ ପରିହାଳକୁ ପୋଲିସ ମିଛ ମାମଲାରେ ଗିରଫ କରିଥିବା ଅଭିଯୋଗ ହୋଇଛି । ୧୫ ତାରିଖ ଦିନ ସେ ଏବଂ ତାଙ୍କ ସହପାଠୀ ଅକ୍ଷୟ କୁମାର ମୁଣ୍ଡା କେନ୍ଦୁଝର ସହରକୁ ଜୋତା କିଣିବାକୁ ଆସିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିବା ସେମାନେ ଅଭିଯୋଗ କରିଛନ୍ତି । ସଦର ପୋଲିସ କେଶ ନଂ. ୪୮/୧୭, ଭାରତୀୟ ପିଙ୍ଗଳ କୋର୍ଡର ଧାରା ୧୪୭, ୧୪୮, ୧୪୯, ୨୯୪, ୩୦୭, ୩୨୩, ୩୨୪, ୩୨୫, ୩୩୨, ୩୪୧, ୩୫୩, ୫୦୬, ସିଏଲ୍ ଆଇନର ଧାରା ୭ ବଳରେ ୮୧ ଜଣଙ୍କୁ ସଦର ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାରେ

ଜିଲ୍ଲା ଦୌରାଜଜ୍‌ଙ୍କ ଅନୁପସ୍ଥିତିରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅସିମ କୁମାର ଦଳବେହେରାଙ୍କ କୋର୍ଟରେ ୭୦ଜଣଙ୍କ ଜାମିନ ମଂଜୁର ହେବା ସହ ୨୪ ତାରିଖ ଦିନ ଜେଲରୁ ମୁକୁଳିଥିଲେ । କେନ୍ଦୁଝର ଜିଲ୍ଲା ଭୂୟାଁ ସାଂସ୍କୃତିକ ସଂଗଠନ ପକ୍ଷରୁ ସମସ୍ତଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରି ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ଜାରୀ ରଖିବାକୁ ସଂଗଠନର ସାଧାରଣ ସଂପାଦକ ଶ୍ୟାମସୁନ୍ଦର ନାୟକ, ସହ ସଂପାଦକ ରଜତ୍ ନାୟକ ଏବଂ ବାଂଶପାଳ ବ୍ଲକ ସଭାପତି ପ୍ରଦୀପ ପ୍ରଧାନ ଆହ୍ୱାନ ଦେଇଥିଲେ । ଦଳିତ ଆଦିବାସୀ ବିକାଶ ସଂସ୍ଥାନର ଅଧ୍ୟକ୍ଷ ରମାକାନ୍ତ ପାତ୍ର ନ୍ୟାୟ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ ।

ନାଲିବତିକୁ ନା'

ଭୁବନେଶ୍ୱର : ଅଚାନକ ବିରୋଧୀଦଳ ନେତା ନରସିଂହ ମିଶ୍ର ସରକାରୀ ମର୍ଯ୍ୟାଦାରୁ ନିଜକୁ ଦୂରେଇ ଦେଇ ନାଲିବତି ଓ ସୁରକ୍ଷା ବ୍ୟବସ୍ଥାକୁ ମନା କରିଛନ୍ତି । ବିରୋଧୀ ଦଳ ନେତା ହିସାବରେ । ଦିଆଯାଇଥିବା ନାଲିବତି ତାଙ୍କ ଗାଡିରୁ ହଟାଇ ନେବାକୁ ସେ ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଚିଠି ଲେଖିଛନ୍ତି । ନାଲିବତି ଗାଡି ଚଢ଼ିବାକୁ ସେ ଚାହୁଁନାହାନ୍ତି ବୋଲି ସେଥିରେ ଉଲ୍ଲେଖ କରିଛନ୍ତି । ଏଥିସହ ତାଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବାକୁ ଅନୁରୋଧ କରିଛନ୍ତି । ଏହାର ଏକ ନକଲ ଗୃହ ବିଭାଗର ପ୍ରମୁଖ ସଚିବ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କୁ ଜଣାଇ ଦେଇଛନ୍ତି । ଏ ସମ୍ପର୍କରେ ନରସିଂହ କୁହନ୍ତି, ନାଲିବତି ମୋର ଆବଶ୍ୟକ ନାହିଁ । ମୁଁ ଜଣେ ସାଧାରଣ ନେତା ଭଳି ଚଳିବାକୁ ଚାହୁଁଛି । ତେଣୁ ଏହି ନିଷ୍ପତ୍ତି ନେଇଛି ।

ମାଓ ନିପାତ ପାଇଁ ଅପରେସନ୍

ଭୁବନେଶ୍ୱର : ଗତ କିଛି ମାସ ହେବ ରାଜ୍ୟର କେତୋଟି ଜିଲ୍ଲାରେ ମାଓବାଦୀଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି । ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ କେତେବେଳେ କାହାକୁ ଅପହରଣ କରି ନେଉଛନ୍ତି ତ କେତେବେଳେ ହତ୍ୟା କରୁଛନ୍ତି । ବିଶେଷ କରି କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମାଓ ଉପଦ୍ରବ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି । ୧ ତେଣୁ ସେହି ସବୁ ଜିଲ୍ଲାରେ କେମିତି ମାଓ ଦମନ କରାଯିବ ଭୁବନେଶ୍ୱରଠାରେ ଥିବା ପୋଲିସ ଡିଜି କେବି ସିଂହଙ୍କ କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ବସିଥିଲା । ଯେଉଁଥିରେ ସିଆର୍‌ପିଏଫ୍‌ର ଏଡିଜି ତଥା କେନ୍ଦ୍ରୀୟ ଜୋନ୍ ଦାୟିତ୍ୱରେ ଥିବା କୁଲଦୀପ ସିଂହ ଓ ପୋଲିସ ଡିଜି କେବି ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇ ଆଗକୁ ଓଡ଼ିଶାରେ ମାଓ ଦମନ ଅଭିଯାନକୁ ଜୋରଦାର କରିବାକୁ ନିଷ୍ପତ୍ତି ନେଇଥିଲେ । ବୈଠକ ପରେ ପୋଲିସ ଡିଜି ସିଂହ

ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ଆମ ରାଜ୍ୟରେ ମାଓ କ୍ୟାଡର ସକ୍ରିୟ ନାହାନ୍ତି । କିନ୍ତୁ ପଡୋଶୀ ଛତିଶଗଡ ଓ ଝାରଖଣ୍ଡରୁ କ୍ୟାଡର ମାଓବାଦୀମାନେ ଓଡ଼ିଶାକୁ ପ୍ରବେଶ କରି ହିଂସାକାଣ୍ଡ ଘଟାଉଛନ୍ତି । ତେଣୁ ସେମାନଙ୍କୁ ନିପାତ କରିବାକୁ ସିଆର୍‌ପିଏଫ୍ ସହିତ ଏସ୍‌ଓଜି ଯବାନ ଏବେ ମିଳିତ ଅପରେସନ୍ ଆରମ୍ଭ କରିବେ । ଏଥିପାଇଁ ଉଭୟ ପକ୍ଷ ଯୋଗାଯୋଗରେ ରହିବା ସହିତ ପରସ୍ପର ଗୁଇନ୍ଦା ସୂଚନା ବିନିମୟ କରିବେ । ଏହା ସହିତ ବିଭିନ୍ନ ରାଜ୍ୟରେ ନିର୍ବାଚନ ପାଇଁ ସେଠାକୁ ଯାଇଥିବା ସିଆର୍‌ପିଏଫ୍ ଯବାନଙ୍କୁ ପୁଣିଥରେ ରାଜ୍ୟକୁ ଫେରାଇ ଆଣିବା ଏବଂ ବାଟାଲିଅନ୍ ସିଆର୍‌ପିଏଫ୍ ଅଧିକ ନିୟୋଜିତ କରିବାକୁ ଅନୁରୋଧ କରାଯାଇଛି । ବୈଠକରେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ସୁନୀଲ ରୟ, ଆଇଜି ଅପରେସନ୍ ଆର୍‌ପି କୋଚେ, ସିଆରପିଏଫ୍ ଆଇଜି କେକେ ଶର୍ମା, ସିଆର୍‌ପିଏଫ୍ ଡିଆଇଜି ଟିଏନ୍ ଖୁଣ୍ଟିଆ ଓ ରାଜ୍ୟ ସ୍ୱତନ୍ତ୍ର ଗୁଇନ୍ଦା ସଂସ୍ଥାର ଡିଆଇଜି ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ ।

ସୋସିଆଲ ମିଡିଆରେ ବଟାନୀ ପ୍ରଶ୍ନପତ୍ର

ଡିସିପିଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର : ସୋସିଆଲ ମିଡିଆରେ +୨ ବଟାନୀ (ଉଦ୍ଭିଦ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଦୃଷ୍ଟାନ୍ତମୂଳକ ହେଉ

ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେବା ଯୋଗୁଁ ରାଜ୍ୟରେ ସରକାରୀ ଜମି ଜବରଦଖଲ ଘଟଣା ବଢ଼ି ବଢ଼ି ଚାଲିଛି । ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ହଡପ ମାମଲା ଲୋକଲୋଚନକୁ ଆସିବା ପରେ ଏଥିପାଇଁ ଚାରିଆଡେ ପ୍ରତିକ୍ରିୟା ଦେଖାଦେଇଛି । ଶ୍ରୀଜଗନ୍ନାଥଙ୍କୁ ଦେଖିବାକୁ କୋଟି କୋଟି ପ୍ରାଣର ଆବେଗ ବିସ୍ମୟ ସୃଷ୍ଟି କରୁଥିଲା ବେଳେ ଏଠାରେ ଥିବା ପବିତ୍ର ସ୍ୱର୍ଗଧାମ ଜମି ହଡପ ସମସ୍ତଙ୍କୁ ଚକିତ କରିଛି । କୋଟିପୁଣ୍ୟ ଲାଭ ଆଶାରେ ଏହି କ୍ଷେତ୍ରକୁ ବିଶ୍ୱାସ କରୁଥିବା କୋଟି କୋଟି ହିନ୍ଦୁଙ୍କ ଭାବାବେଗ ଜଡିତ ରହିଛି ସ୍ୱର୍ଗଦ୍ୱାର ସହିତ । ଏହି କ୍ଷେତ୍ରରେ ଥିବା ଯେକୌଣସି ମଠ, ମନ୍ଦିର ଅଛି ତାହା ପୁଣ୍ୟର ପ୍ରତୀକ ଭାବେ ସର୍ବବିଦିତ । ସାଢ଼େ ଚାରିକୋଟି ଓଡ଼ିଆଙ୍କ ସମେତ ଦେଶ ତଥା ବିଦେଶର ଭକ୍ତମାନଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଗଲେ ଆତ୍ମା ବୈକୁଣ୍ଠରେ ବୀଳିନ ହୁଏ । ଏକ୍ଷେତ୍ରରେ ରଥଯାତ୍ରାଠୁ ଆରମ୍ଭ କରି ବାରମାସରେ ତେର ପର୍ବ ଓ ଉତ୍କଳୀୟ ହିନ୍ଦୁଙ୍କର ସାମାଜିକ ଚଳଣିର ସବୁ ରୀତିନୀତି ଶ୍ରୀକ୍ଷେତ୍ରରୁ ଆରମ୍ଭ ବୋଲି କୁହାଯାଏ । ମହୋଦଧିର ପବିତ୍ର ଜଳ ସ୍ପର୍ଶରେ ଦେହମନ ପବିତ୍ରତାରେ ଭରିଉଠେ । ଧାର୍ମିକ ବିଚାରରେ ଆତ୍ମା ଓ ପରମାତ୍ମାର ମିଳନ ସ୍ଥଳ ହେଉଛି ସ୍ୱର୍ଗଦ୍ୱାର । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ୱଶୁରାଳୟ କୁହାଯାଉଥିବା ମହୋଦଧି ଜଳରାଶିକୁ ସ୍ପର୍ଶ କରୁଥିବା ଏହି ଶ୍ମଶାନରେ ଦାହ ସଂସ୍କାର ହେବା ଦ୍ୱାରା ଆଉ ପୁନର୍ଜନ୍ମ ହୋଇ ନଥାଏ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି । ସେହି ଧାରଣାରେ କୋଟି କୋଟି ହିନ୍ଦୁ ସେମାନଙ୍କ ସମ୍ପର୍କୀୟଙ୍କ ମୃତ୍ୟୁପରେ ସ୍ୱର୍ଗଦ୍ୱାର ଶ୍ମଶାନରେ ଦାହ ସଂସ୍କାର ପାଇଁ ମନ ବଳାନ୍ତି । ମାନବିକ ଲୀଳାରୁ ମୋକ୍ଷପ୍ରାପ୍ତି ନିମନ୍ତେ ସ୍ୱର୍ଗଦ୍ୱାର ହିଁ ଏକମାତ୍ର ମାର୍ଗ । ମାତ୍ର କିଛି ସ୍ୱାର୍ଥନ୍ୱେଷୀ ବ୍ୟକ୍ତି ସ୍ୱର୍ଗଦ୍ୱାର ଶ୍ମଶାନ ଜମିକୁ ଜାଲିଆତି କରି ହାତେଇ ନେଇଛନ୍ତି । ଫଳରେ ସ୍ୱର୍ଗଦ୍ୱାର ଏବେ ସଂକୀର୍ଣ୍ଣ ହୋଇପଡିଛି । ଏହାର ସମ୍ପ୍ରସାରଣ ପ୍ରସଙ୍ଗ ଉଠିବା ପରେ ଜମି ହଡପ ଘଟଣା ସାମ୍ନାକୁ ଆସିଛି । ହଡପକାରୀଏ ଏହାକୁ ସ୍ଥାନାନ୍ତର କରିବାକୁ ଦାବି କରୁଥିବା ବେଳେ ଏହି ପ୍ରସଙ୍ଗ ଏବେ ନୂଆ ମୋଡ଼ରେ ପହଞ୍ଚିଛି । ସେଠାରୁ ଜବରଦଖଲକାରୀଙ୍କୁ ହଟାଇ ସ୍ୱର୍ଗଦ୍ୱାର ଶ୍ମଶାନ ଜମିକୁ ପୂର୍ବପରି ବଜାୟ ରଖିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି । ସୂଚନା ଅନୁସାରେ କିଛି ଅସାଧୁ ବ୍ୟକ୍ତିଙ୍କ ଏହି କଳାକାରନାମାର ଖୋଳତାଡ଼ ଆରମ୍ଭ କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବା ଆର୍‌ଡିସି । ଯେହେତୁ ରାଜାରାଜୁଡା ଶାସନ ଉଚ୍ଛେଦ ପରେ ପ୍ରଶାସନ ହାତରେ ଏବେ ଶ୍ରୀମନ୍ଦିର ଓ ଏହାର ପରିଚାଳନା ଭାର । ଏହି କ୍ଷେତ୍ରରେ ଥିବା ସମସ୍ତ ପୀଠ ବା ଦେବଭୂମି ସରକାରଙ୍କ ନିୟନ୍ତ୍ରଣାଧୀନ । ତେଣୁ ଏଠାରେ ଯେଉଁ ସମସ୍ତ ସରକାରୀ ଜମି ରହିଛି, ତାହାର ରକ୍ଷଣାବେକ୍ଷଣ ବା ଜଗାରଖା ଦାୟିତ୍ୱ ସରକାରଙ୍କର । ବର୍ତ୍ତମାନ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ହଡପ ମାମଲାରେ ପ୍ରଶାସନକୁ କଠୋର ନିଷ୍ପତ୍ତି ନେବାକୁ ହେବ । କାରଣ ଜମି ହଡପକାରୀମାନେ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି । ସେମାନେ ସମସ୍ତେ ବିତ୍ତଶାଳୀ ଓ ବଳଶାଳୀ । ନିଜ ହାତରୁ ବହୁମୂଲ୍ୟ ସମ୍ପତ୍ତି ହରାଇବା କଥା ସହଜରେ ଗ୍ରହଣ କରିନେବା ସେମାନଙ୍କ ପାଇଁ ସମ୍ଭବପର ନୁହେଁ । ତେଣୁ ସେମାନେ ନିଶ୍ଚୟ ଆଇନର ଗଳାବାଟ ଖୋଜିବେ । ସରକାର ସତର୍କତାର ସହିତ ଏଦିଗରେ ପଦକ୍ଷେପ ନ ନେଲେ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ପୁଣିଥରେ ପ୍ରଶାସନ ହାତକୁ ଆସିପାରିବ ନାହିଁ । ପାଖାପାଖି ୧୬ ଏକର ଶ୍ମଶାନ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି । ତେଣୁ ଏହାକୁ ପୁନର୍ବାର ସ୍ୱର୍ଗଦ୍ୱାର ଶ୍ମଶାନ ସହିତ ସାମିଲ କରାଯିବା ଓ ଏହାର ସମ୍ପ୍ରସାରଣକୁ ଲୋକେ ସ୍ୱାଗତ କରୁଛନ୍ତି । ଏନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏଥିରେ ପ୍ରଶାସନିକ କଳ ସହ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧ୍ୟ ରହିଛନ୍ତି । ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଗୋବର୍ଦ୍ଧନ ପୀଠ ଓ ଶଙ୍କରାଚାର୍ଯ୍ୟଙ୍କ ସହାୟତାରେ ଏହି କାର୍ଯ୍ୟ କରାଯିବ । ତେଣୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ପରି ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ସରକାରୀ ଜମି ତଥା ଶ୍ମଶାନ ଜମିକୁ ବେଆଇନ ଜବରଦଖଲ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜରୁରୀ । ଏହା ହୋଇପାରିଲେ ରାଜ୍ୟର ସମ୍ପତ୍ତି ଆଉ ବ୍ୟକ୍ତିଗତ ମାଲିକାନାକୁ ନଯାଇ ସରକାରୀ ସମ୍ପତ୍ତି ଭାବେ ବିବେଚନା କରାଯିବ ଓ ଏହା ରାଜ୍ୟ ବିକାଶରେ ଲାଗିପାରିବ ।

ଓଡିଶା, ଓଡିଆଭାଷା ଓ ଭାଷାପ୍ରୀତି

ଗଜାନନ ମିଶ୍ର

ଆସ, ଓଡଶାରେ ଥିବା ସବୁ ପ୍ରକାରର ବିଦ୍ୟାଳୟରେ ଓଡିଆ ବିଷୟରେ ପଢିବା, ସବୁଠି ଓଡିଆ ଲେଖିବା, ଆସ। ଓଡିଆ ଲୋକଙ୍କ ସେବା କରିବା । ଆମେ ମହାନ ଜାତି, ଉନ୍ନତ ଜାତି, ବିଶ୍ୱ ଜାତି ସମସ୍ତଙ୍କୁ ଦେଖାଇ ଦେବା ଏବଂ ଓଡିଆକୁ ଜାତିସଂଘର ଅନ୍ୟତମ ଭାଷା ଭାବରେ ସ୍ୱୀକୃତି ଦିଅ ବୋଲି ଜାତିସଂଘ ପାଖରେ ଦାବି କରିବା , ଦାବି ହାସଲ କରିବା । ନା ସରକାର, ନା ବିରୋଧୀଦଳ କେହି ଆମର ଶତ୍ରୁ ନୁହନ୍ତି । ସମସ୍ତେ ଆମର ସେବା ପାଇଁ ରହିଛନ୍ତି, ଆମର ମଙ୍ଗଳ କରିବାକୁ ସତତଃ ଚେଷ୍ଟା କରୁଛନ୍ତି । ଜାତି ଧର୍ମ ଲିଙ୍ଗ ବର୍ଣ ନିର୍ବିଶେଷରେ ଏକାଠି ହେବା । ଓଡିଆରେ କାର୍ଯ୍ୟ ନ କଲା ଯାଏ ସୁସ୍ଥରେ ରହିବା ନାହିଁ । ଜାଗା ଛାଡିବା ନାହିଁ । ଆମେ ସମସ୍ତେ ଏକ, କଉଣସି ଭେଦାଭେଦ, ଭିନ୍ନାଭିନ୍ନ ଆମ ଭିତରେ ନାହିଁ । ଯିଏ ଯୋଉ ପଦରେ ଥାଅ, ଯିଏ ଯାହା କର୍ମ କରୁଥାଅ । ଯିଏ ଯୋଉଠି ଯେମିତି ଥାଅ । ଆସ, ଆସ । ଆମେ ଓଡିଶାର ବାସିନ୍ଦା, ଆମେ ଓଡିଆ । ଏଇ ଡାକରା ଥିଲା ସେ ଦିନ ଉତ୍କଳ ସମ୍ମିଳନୀର । ଆଜି ପୁଣିଥରେ ସେ ଉତ୍କଳ ସମ୍ମିଳନୀ ଡାକୁଛି , ଆସ, ଏ ଜାତିର ମହାସ୍ରୋତରେ ମିଶାଇଦେବା ନିଜକୁ, ଛାତିରେ ଛାତି ମିଶାଇବା . ନାଚିବା, ଡେଇଁବା ।

ଆପଣାର ଭାଷା ହେଉଛି ଆପଣାର ଆତ୍ମା । ଭାଷା ଯଦି ମଧୁର, ଭାଷା ଯଦି ଅମୃତ ତେବେ ଆଉ କିଛି ଲୋଡା ନାହିଁ କାହାକୁ । ରୋଗ ଶୋକ ବାଧା ନାହିଁ, ନାହିଁ ଶତ୍ରୁ ଭୟେ, ସବୁଠି ଶୁଭୁ ଥାଏ ଖାଲି ଜଏ ଜଏ । ଏଇଟା ହେଉଛି ସତ୍ୟ ଯେମିତି ସତ୍ୟ ଏ ଚରାଚର ଜଗତ, ଯେମିତି ସତ୍ୟ ସୂର୍ଯ୍ୟଙ୍କର, ଚନ୍ଦ୍ରଙ୍କର ଆତଯାତ । ଏଇ ସତ୍ୟରେ ସମୁଦ୍ର ନ ଲଂଘଇ କୂଳ, ଏଇ ସତ୍ୟରେ ସବୁକିଛି ଏଠି ଦିଶେ ସୁନ୍ଦର , ସୁନ୍ଦର । ସୁନ୍ଦରତାର ନିଦର୍ଶନ ହେଉଛି ଆମରି ଜଗନ୍ନାଥ ଦେଶ ଉତ୍କଳ, ଆଜିର ଓଡିଶା । ଏଠାକାର ସତ୍ୟ ହେଉଛି ଜଗତର ନାଥ ଜଗନ୍ନାଥ . ସତ୍ୟ ହେଉଛି ଏଠାକାର ଓଡିଆ ଭାଷା, ସତ୍ୟ ହେଉଛି ଆମର ବଂଚିବା । ଏହି ସତ୍ୟ ପାଇଁ ଆମେ ପାଇଛୁଁ ଓଡିଶା ପ୍ରଦେଶ ୧ ଏପ୍ରିଲ ୧୯୩୬ରେ ଓଡିଆ ଭାଷା ପାଇଁ । ୧୯୫୪ରେ ଓଡିଶା ସରକାରୀ ଭାଷା ଆଇନରେ ଲେଖାଯାଇଛି ସବୁବେଳେ ସବୁଠି ଓଡିଶା ଭିତରେ ଓଡିଆ ଭାଷା ବ୍ୟବହାର କରାଯିବ । ଓଡିଆଙ୍କର ଓଡିଶା । ଓଡିଆଭାଷାଭାଷୀଙ୍କର ଓଡିଶା । ଓଡିଆ କବି ଲେଖକ ସାମ୍ବାଦିକଙ୍କର ଓଡିଶା । ଓଡିଆ ଭାଷା ହେଉଛି ଏ ରାଜ୍ୟର ଆତ୍ମା । ଏ ଓଡିଆ ଭାଷାର ଲିପି ହେଉଛି ବ୍ରାହ୍ମୀ ଲିପି । କେତେ ମହାନ୍ ଏହାର ପରଂପରା ! ଯଦି ଓଡିଆ ଭାଷା ନାହିଁ ତେବେ ଓଡିଶା ବଂଚିବ କେମିତି ? ଏ ଓଡିଆ ଭାଷା ପୁଣି ଶାସ୍ତ୍ରୀୟ ମାନ୍ୟତା ପାଇ ସାରିଛି କେନ୍ଦ୍ର ସରକାରଙ୍କଠାରୁ । ଏ ଓଡିଆ ଭାଷା ଏକ ବଳିଷ୍ଠ ଭାଷା । ଆମର ଭାରତୀୟ ସମ୍ବିଧାନ ସ୍ୱୀକୃତ ଭାଷା । ଜନଗଣର ମାନକ ଭାଷା । ଅଧସ୍ତନ ନ୍ୟାୟାଳୟର ଭାଷା । ଏମିତି ଭାଷା ଥାଉ ଥାଉ ଆମେ ବ୍ୟବହାର କରୁ ନାହୁଁ । କଣ ବୋଲି କହିବା ନିଜକୁ ? ୧୯୬୫ ମସିହାର ଫେବୃୟାରୀ ୨୪ ତାରିଖରେ ଭାରତର ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି ଯେ ରାଜ୍ୟ ସରକାରଗଣ ତାଙ୍କର ଭାଷା ପୂର୍ଣ ସ୍ୱାଧୀନତା ସହିତ ବ୍ୟବହାର କରିପାରିବେ । କିନ୍ତୁ ଏ ଯାଏ ଆମେ କରି ନାହୁଁ । ଅପରପକ୍ଷରେ ବିଦେଶୀ , ବାରବୁଲି ଇଂରେଜି ଭାଷା ବ୍ୟବହାର କରୁଛେ । ଗଣତନ୍ତ୍ରର ନୀତି ନିୟମ ଆଦର୍ଶକୁ ଆଡେଇ ଦେଉଛେ । ଆମେ ଲୋକ ବିରୋଧୀ କାର୍ଯ୍ୟ କରିଚାଲିଛେ ବିଦେଶୀ ଭାଷାର ବ୍ୟବହାର ଦ୍ୱାରା । ଲୋକଙ୍କ ଉପରେ ବିଦେଶୀ ଭାଷା ଜବରଦସ୍ତି ଲଦି ଦେବାର ଅଧିକାର ଆମର ଅଛି କି ? ନୀତି ନିୟମ ଆଇନ ସହିତ ଉଚ୍ଚ ନ୍ୟାୟାଳୟ ମଧ୍ୟ କହି ସାରିଲେଣି ଓଡିଆରେ ରାୟ ଦିଅ, ନକଲ ଦିଅ କିନ୍ତୁ ଆମେ ମାନୁ ନାହୁଁ । କଣ କରାଯିବ ? ଆମେ ନିଜେ କରୁନାହୁଁ କିମ୍ବା ଅନ୍ୟ କାହାକୁ କରିବାକୁ ସୁଯୋଗ ଦେଉ ନାହୁଁ । ଖାଲି ଗୋଟିଏ କାମ କରୁଛୁଁ ଏ ଓଡିଆ ଭାଷା ନାମରେ କୋଟି କୋଟି ଟଙ୍କା ନଷ୍ଟ କରୁଛୁଁ , ଅନୁଷ୍ଠାନ ଗଢି ପୁରସ୍କାର , ସମ୍ମାନ, ଉପାଧି ଗ୍ରହଣ କରିବା ସହିତ ମାରି ଖାଉଚୁଁ । ଭାଷା କିନ୍ତୁ ଆଦୌ ବ୍ୟବହୃତ ହୋଇପାରୁ ନାହିଁ କୋଉଠି ବି । ଓଡିଶା ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟରେ ଇଂରେଜି, ଓଡିଆ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଧ୍ୟ ଇଂରେଜି , ତଳ ଅଦାଲତରେ ମଧ୍ୟ ଇଂରେଜି । ଭୁଲ ହେଉ ପଛେ, ଅବୁଝା ହେଉ ପଛେ ଖାତିର ନାହିଁ , ଡର ଭୟ ନାହିଁ । ଓଡିଆମାନଙ୍କର ସହ୍ୟ ଶକ୍ତି ବହୁତ, କିଛି ଚିନ୍ତା ନାହିଁ । କ୍ରିୟା ନାହିଁ କି ପ୍ରତିକ୍ରିୟା ବି ନାହିଁ । କାହିଁ ଓଡିଆ ରକ୍ତ ? ଓଡିଆ ଦିବସରେ ସଂକଳ୍ପ କାହିଁ ଯେ ଆମେ ସବୁକାମ ଓଡିଆରେ କରିବା ! ଏ ଯାଏ ଓଡିଆ ଭାଷାରେ ଆଇନ ପାଠ ଆମର ଓଡିଆପିଲେ ପଢିବାର ସୁଯୋଗ ପାଇଲେ ନାହିଁ । କିରାଣୀ, ପିଅନ ପରୀକ୍ଷା ବି ଓଡିଆ ଭାଷାରେ ଏ ଯାଏ ହେଉ ନାହିଁ । ପ୍ରଶାସନିକ ଅଧିକାରୀ , କନିଷ୍ଠ ଦେବାନୀ ବିଚାରପତି, ଦଣ୍ଡପାଳ ପାଇଁ ପରୀକ୍ଷା ତ ଦୂରର କଥା । ଯଦିଓ ଏମାନେ ସମସ୍ତେ ଓଡିଆ ଲୋକଙ୍କ କଥା ଶୁଣି ବୁଝି କାର୍ଯ୍ୟ କରିବେ । କେମିତି ହେଉଛି କାର୍ଯ୍ୟ ଆମେ ଜାଣୁଛୁଁ ନିତ୍ୟ ପ୍ରତ୍ୟହ । କେତେ କହିବା - ଆମ୍ଭ କହିଲେ ଲିମ୍ବ ଲେଖାଯାଉଛି ବିଦେଶୀ ଭାଷାରେ । କେତେ ଲାଗିବ କାହା ସହିତ ! ଅପିଲକୁ ଗଲାବେଳକୁ ସବୁ ଖାରଜ । ଆଉ ଅବସ୍ଥା ନ କହିଲେ ଭଲ । ଜୟ ଜଗନ୍ନାଥ !

ହେ ମୋର ପ୍ରିୟ ଓଡିଆଗଣ ନିଲକ୍ଷଣ କଥା କର ନାହିଁ । ମାତୃଭାଷା ବ୍ୟବହାର ନ କଲା ଲୋକ ନିଲକ୍ଷଣ, ମାତୃଦ୍ରୋହୀ ବୋଲି ଶାସ୍ତ୍ର କହିଛି, ହେତୁକର । ତୁମେ ସିଂହ ଛୁଆ, ଶୃଗାଳଙ୍କ ସହିତ ଯୋଗସୂତ୍ର ରଖ ନାହିଁ । ହେ ଓଡିଆଗଣ, ତୁମ ମନ୍ଦିରରେ ସିଂହ ଦ୍ୱାର ରହିଛି , ଦେଖ । ତୁମ ରଡି ସିଂହ ରଡି, ନିଜେ ଶୁଣ । ଗଜମୁକ୍ତା ସହିତ ଗରଗଡକୁ କିଆଁ ଗୁନ୍ଥୁଛ ? ରତ୍ନ ସଙ୍ଗେ କାଚମଣିକୁ ଗୁନ୍ଥୁ ନାହିଁ । ଗଙ୍ଗାଜଳକୁ କୂପଜଳ ସହିତ ତୁଳନା କର ନାହିଁ ଏବଂ ଆପଣା ହାତରେ ମହାକାଳ ଫଳ ଭୋଜନ କର ନାହିଁ । ବିଦେଶୀ ଇଂରାଜି ହେଉଛି ମହାକାଳ ଫଳ । ଦେଖ, ପରୀକ୍ଷା କର , ଯେଉଁମାନେ ଆଗରୁ ବ୍ୟବହାର କରିଛନ୍ତି ଏ ବିଶ୍ୱରେ କେମିତି ନିଃସ୍ୱ ହୋଇଛନ୍ତି ଜାଣିଛ କି ନାହିଁ । କାହିଁ ତୁମେ କାହିଁ ତୁମ ବ୍ରାହ୍ମୀ ଲିପି, କାହିଁ ଓମିତ୍ୟେକାକ୍ଷର ବ୍ରହ୍ମ , କାହିଁ ସତ୍ୟ , ଖୋଜ । ହୀନ ସଙ୍ଗରେ ହୀନ ଗତି, ହସି କହନ୍ତି ଯଦୁପତି । କଥାଟାକୁ ଗୁରୁତ୍ୱ ଦିଅ । ଭାରତୀୟ ସମ୍ବିଧାନକୁ ଆମେ ଭାରତବର୍ଷର ଆତ୍ମା ବୋଲି ବିଚାର କରୁଛେ ତ ! କଣ କହୁଛି ଏ ସମ୍ବିଧାନ । ଆମେ, ଭାରତର ଲୋକେ ଭାରତକୁ ଏକ ଗଣତାନ୍ତ୍ରିକ, ସାର୍ବଭୌମ, ଧର୍ମନିରପେକ୍ଷ, ସ୍ୱତନ୍ତ୍ର ଭାବରେ ଗଢିବା ସହିତ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ତ ! କଣ କହୁଛି ଭାଗ ସତରରେ ଭାଷା ବିଷୟରେ ପଢ, ଅନୁଧ୍ୟାନ କର ତୁମେ ନିଜ ଆତ୍ମାକୁ, ପଚାର ନିଜକୁ ନିଜେ । ବିଦେଶୀ ଇଂରେଜି ଭାଷାରେ ଭାରତର, ଓଡିଶାର ଲୋକଙ୍କ ପାଇଁ କାର୍ଯ୍ୟ କରିବା ଅର୍ଥ ଦେଶଦ୍ରୋହୀ, ଗଦ୍ଦାରି କାମ କରିବା ଭଳି ହେଉ ନାହିଁ କି ? ଇଂରେଜି କଣ ଭାରତର ଭାଷା ? କଣ କହୁଛି ସମ୍ବିଧାନର ଅଷ୍ଟମ ସୂଚୀ ! ହେ ମୋର ପ୍ରିୟ ଓଡିଆଗଣ , ତୁମେ କୋକିଳ ହୋଇ କୁଆ ଭଳି ରଡୁଛ କିଆଁ ? ନିଜ ଲୋକ ସହିତ ଶତ୍ରୁତା କରି ପାଇବ କଣ ଅପଯଶ ଛଡା ! ଅହିନର୍କରେ ପଡିବା ସାର ହେବ ବନ୍ଧୁଗଣ ! ତୁମେ ଇଂରେଜିରେ କରିବା ଦ୍ୱାରା ଦାଦନ ଖଟି ଯାଉଛନ୍ତି ତୁମ ଓଡିଆରକ୍ତର ଭାଇମାନେ । ଖାଇବାକୁ ଖାଦ୍ୟ ନାହିଁ, ପିଇବାକୁ ପାଣି ନାହିଁ । ଉଚ୍ଚ ଶିକ୍ଷିତ ଇଂଜିନିୟର, ଡାକ୍ତର ଆଦିଙ୍କ ପାଇଁ ସୁଯୋଗ ନାହିଁ । ମଝିମଝିକିଆ ବୁଡି ମରୁଛନ୍ତି ଆମ ଆଖି କଣ ଦେଖିମ ପାରୁ ନାହିଁ ? ସବୁଆଡେ ପୁଣି ରୋଗ, ଶୋକ, ଜରା, ବ୍ୟାଧି, ହା ହା କାର । କାହାପାଇଁ କଉଣସି ସୁଯୋଗ ଏ ଯାଏ ନାହିଁ ଓଡିଶା ମାଟିରେ । ଦଲାଲ, ଚୋର ଖଂଟାଇତଗଣ ସବୁ ଦିନ ଦିପହରରେ ଲୁଟି ନେଉଛନ୍ତି । ସତ୍ୟ ଛପି ରହିଛି । ନ୍ୟାୟାଳୟକୁ ଢାଙ୍କି ରଖିଛି ବିଦେଶୀ ଇଂରେଜି ମାୟା । ଉଠ, ପ୍ରିୟ ଓଡିଆଗଣ ବିଦେଶୀ ଢାଙ୍କୁଣୀକୁ କାଢି ପକାଅ ଏବଂ ସତ୍ୟର ଅନୁସନ୍ଧାନରେ ବାହାରି ପଡ । ମୋ ସାନ କୁହାକୁ ଧ୍ୟାନ ଦିଅ । ମା, ମାଟି, ମାତୃଭାଷାର ସେବାକରି ସଫଳ କର ତୁମର ଜନ୍ମ । ଟେକ ରଖ ନିଜେ ଓ ନିଜର । ତୁମେ ରାଜ୍ୟ ଭାଷା, ସରକାରୀ ଭାଷା, ଓଡିଆ ଭାଷା ବିନା ତୁମର ଅନ୍ୟ ଗତି ନାହିଁ । ମନେ ପକାଅ । ମା ପାଖରେ, ମାତୃଭାଷାଠାରେ ସବୁ ରହିଛି । ଆଦର କର ।

ଆସ ନିଜକୁ ନିଜେ ଦେଖିବା , ଠାବ କରିବା ଆସ। ମଝିରେ ଭୋକ କଲେ ଓଡିଆ-ଭାଷା ଖାଇବା, ମଝିରେ ଶୋଷ କଲେ ଓଡିଆ-ଭାଷା ପିଇବା , କାଳକାଳକୁ ଥିବା, ଆସ। ଆସ, ଓଡିଶାରେ ଥିବା ସବୁ ପ୍ରକାରର ବିଦ୍ୟାଳୟରେ ଓଡିଆ ବିଷୟରେ ପଢିବା, ସବୁଠି ଓଡିଆ ଲେଖିବା, ଆସ। ଓଡିଆ ଲୋକଙ୍କ ସେବା କରିବା । ଆମେ ମହାନ ଜାତି, ଉନ୍ନତ ଜାତି, ବିଶ୍ୱ ଜାତି ସମସ୍ତଙ୍କୁ ଦେଖାଇ ଦେବା ଏବଂ ଓଡିଆକୁ ଜାତିସଂଘର ଅନ୍ୟତମ ଭାଷା ଭାବରେ ସ୍ୱୀକୃତି ଦିଅ ବୋଲି ଜାତିସଂଘ ପାଖରେ ଦାବି କରିବା , ଦାବି ହାସଲ କରିବା । ନା ସରକାର, ନା ବିରୋଧୀଦଳ କେହି ଆମର ଶତ୍ରୁ ନୁହନ୍ତି । ସମସ୍ତେ ଆମର ସେବା ପାଇଁ ରହିଛନ୍ତି, ଆମର ମଙ୍ଗଳ କରିବାକୁ ସତତଃ ଚେଷ୍ଟା କରୁଛନ୍ତି । ଜାତି ଧର୍ମ ଲିଙ୍ଗ ବର୍ଣ ନିର୍ବିଶେଷରେ ଏକାଠି ହେବା । ଓଡିଆରେ କାର୍ଯ୍ୟ ନ କଲା ଯାଏ ସୁସ୍ଥରେ ରହିବା ନାହିଁ । ଜାଗା ଛାଡିବା ନାହିଁ । ଆମେ ସମସ୍ତେ ଏକ , କଉଣସି ଭେଦାଭେଦ, ଭିନ୍ନାଭିନ୍ନ ଆମ ଭିତରେ ନାହିଁ । ଯିଏ ଯୋଉ ପଦରେ ଥାଅ, ଯିଏ ଯାହା କର୍ମ କରୁଥାଅ । ଯିଏ ଯୋଉଠି ଯେମିତି ଥାଅ । ଆସ, ଆସ । ଆମେ ଓଡିଶାର ବାସିନ୍ଦା, ଆମେ ଓଡିଆ । ଏଇ ଡାକରା ଥିଲା ସେ ଦିନ ଉତ୍କଳ ସମ୍ମିଳନୀର । ଆଜି ପୁଣିଥରେ ସେ ଉତ୍କଳ ସମ୍ମିଳନୀ ଡାକୁଛି , ଆସ, ଏ ଜାତିର ମହାସ୍ରୋତରେ ମିଶାଇଦେବା ନିଜକୁ, ଛାତିରେ ଛାତି ମିଶାଇବା . ନାଚିବା, ଡେଇଁବା । ଆମେ ସ୍ୱତନ୍ତ୍ର, ଆମେ ସ୍ୱାଧୀନ, ଆମେ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ । ଆମେ ଅନନ୍ୟ । ଆମେ, ସ୍ୱୟଂ -ସଂପୂର୍ଣ୍ଣ ।

ତପୋବନ, ଟିଟିଲାଗଡ,ବଲାଙ୍ଗିର

ଯୁବଶକ୍ତିର ଭବିଷ୍ୟତ

ଜେ.ଏସ୍. କୁମାର

ସ୍ୱାର୍ଥପର ପିତାମାତାମାନେ ପିଲାଙ୍କୁ ଖୁବ୍ ଶିଘ୍ର ଅର୍ଥ ରୋଜଗାର କରିବା ମେସିନ୍‌ରେ ପରିଣତ କରିବାକୁ ସତତ ଚେଷ୍ଟିତ । ଭୋଗବାଦୀ ବିକୃତ ପ୍ରଚାରକାରୀମାନେ ଏମାନଙ୍କୁ ଯୌନ ବିଭୁକ୍ଷୁ, ନଂପୁସକ , ମଦ୍ୟାସକ୍ତ କରିବା ଲାଗି ପ୍ରସ୍ତୁତ । ଯାହାଫଳରେ ସାରା ପୃଥିବୀରେ ସନ୍ତ୍ରାସବାଦ, ଅପରାଧ, ରାଜନୀତିକ ହିଂସାକାଣ୍ଡ ଆଦି ବିବିଧ ଘଟଣାରେ ସଂପୃକ୍ତ ରହି ଏମାନେ ସମାଜର ବିଘଟନରେ ଲାଗିପଡିଛନ୍ତି ।

ଭାରତ ପରି ସଂଖ୍ୟାଧିକ ଯୁବ ସମାଜ ଥିବା ଦେଶରେ ଯୁବକମାନେ ଏବେ ସମସ୍ତଙ୍କ ପଶାପାଲିର ଗୋଟି ହେବାରେ ଲାଗିଛନ୍ତି । ବୈଷୟିକ ଶିକ୍ଷାନୁଷ୍ଠାନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏହି ଯୁବଶକ୍ତିକୁ କଳେବଳେ କୌଶଳରେ ନିଜ ସପକ୍ଷରେ ନେବାଲାଗି ପ୍ରଲୋଭନ ଦେଖାଯାଉଛି । ବ୍ୟାବସାୟିକ ଗୋଷ୍ଠି ବିଦେଶୀ ପୋଷାକ ହେଉ ଅଥବା ଚୀନର ମୋବାଇଲ ମାଧ୍ୟମରେ । ରାଜନୈତିକଗୋଷ୍ଠି ଲାପଟପ୍ ବଣ୍ଟନ, ମାଗଣା ଅର୍ଥ ପ୍ରଦାନ, ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ଦ୍ୱାରା ଲୋଭାନ୍ୱୀତ କରିବାରେ ବ୍ୟସ୍ତ । ବିଭାଜନକାରୀ ଗୋଷ୍ଠିମାନେ ସୋସିଆଲ ମିଡିଆରେ ତ୍ରୁଟିପୂର୍ଣ୍ଣ ପ୍ରଚାର, ବିପଥଗାମୀ ହେବାଲାଗି

ବେଦନାର ବେଦ-୧୦

କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

ଧାରାବାହିକ ଉପନ୍ୟାସ

ମାଟିମନସ୍କ, କଥକତା, ସ୍ମୃତିସଜଳ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

"ଆ।ରେ କୁଳାଙ୍ଗାର ଚକରା, କେଇଥର ତତେ କହିଲିଣି, ଯାଇ ଗଉଡ଼ଘରୁ ଘସି ବସ୍ତାଏ ଆଣେ ବୋଲି ! ସଞ୍ଜବେଳେ ଛୁଆଟାକୁ ଟିକେ ସେକାସେକି କରିଦେବି ! ପିଲାର ହାଡ଼ଟାଣ ହେବ ! ମୋ କଥା ତତେ ଶୁଭୁଚି ନା ନାଇଁରେ ଠାପୁଆ ?

"ଆଲୋ ହେ ଚମ୍ପା, ସେ ବାଉରୀଘର ସୁକୁଟିକୁ ଗୋଡ଼େ ଗୋଡ଼େ ଜଗିଥିବୁ ! ସେ ମାଇକିନିଆଟା ପିଲାଖିଆ କଞ୍ଜା ଡାଆଣୀଟା ! ସେ ଆସିଲେ ତାକୁ କଦାଚିତ୍ ମୋ'ଘରର ମାଟି ମଡ଼େଇ ଦେବୁନି ।"

"ଆରେ ଚକା, ତତେ ପରା ମାସେ ହେବ କହିଲରି ମା' ଶାରଳାଙ୍କ ପାଖକୁ ଯାଇ ଭୋଗ ଦି'ଟଙ୍କାର କରିବାକୁ ! ଚନ୍ଦରା ତା' ମା' ପେଟରେ ଥିଲାବେଳେ ମୁଁ ମାନସିକ କରିଥେଲି ! କେମିତି ମୋ ନାତି କି ନାତୁଣୀ ଭଲରେ ଭଲରେ ଜନମ ହେଉ ! ମୋ କଥା ତତେ ଗନ୍ଧଉଚି ନା କ'ଣ ? ଭୋଗିବୁ ... ଭୋଗିବୁ ରହ !

ଆଗେ ବୁଢ଼ୀମା' ଚିଡ଼ିଚିଡ଼ି ହେଲେ ଆହତ ହେଉଥିଲା ଚମ୍ପା । ରାଗରେ ଦିକ୍‌ଦାର ହୋଇଯାଉଥିଲା ଚକ୍ରଧର । ବୁଢ଼ୀଟା କୋଉଦିନ ମରିବ ବୋଲି ମନେ ମନେ ବିରକ୍ତ ହୋଇ କହୁଥିଲା । ହେଲେ ଏବେ ବୁଢ଼ାମା'ର ଗାଳି ଲାଗୁଥିଲା ବଡ଼ଦାଣ୍ଡର ଧୂଳି ପରି, ଯାହାକୁ ଦେହରେ, ମନେରେ, ଆତ୍ମାରେ ବୋଳି ହୋଇ ପଡ଼ିବାକୁ ଇଚ୍ଛା ହେଉଥିଲା ।

କାଳେ ପୁଅକୁ ଥଣ୍ଡା ଧରି ପକାଇବ, ବେଶୀ ଓଦା ହେଉ ନଥିଲା ଚମ୍ପା । ସଞ୍ଜ ପୂର୍ବରୁ ନିତ୍ୟକର୍ମ ସାରି ଫେରିଆସୁଥିଲା ଘରକୁ । ବାଉରୀ ଘର ସୁକୁଟୀ ଘରକୁ ଆସିଲେ ଲୁଚାଇ ପକାଉଥିଲା ପୁଅକୁ । ଚକ୍ରଧର ଦିନେ ଦିନେ ନୁହେଁ, କାମକୁ ଯିବା ପୂର୍ବରୁ ପ୍ରାୟ ସବୁଦିନ ସକାଳୁ ଗାଧୋଇ ପାଧୋଇ ଚାଲିଯାଉଥିଲା ଗାଁ ସେମୁଣ୍ଡ ମହାଦେବଙ୍କ ମନ୍ଦିରକୁ । ଗଉଡ଼ଘରୁ ନେଇ ଆସୁଥିଲା ଅଖା ଭର୍ତ୍ତି ଘସି, ବୁଢ଼ୀମା' ପୁଅକୁ ସେକାସେକି କରିବ ବୋଲି ।

ସର୍ବୋତ୍କୃଷ୍ଟ ସମ୍ପଦ ମିଳିଯିବା ପରେ ଆଉ କ'ଣ ବାକି ରହିଲା ଜୀବନଠାରୁ ଆଶା କରିବା ? ଏକଦା ଅସମାହିତ ଭଳି ଜଣାପଡୁଥିବା ଜୀବନର ସବୁ ସମସ୍ୟା, ସବୁ ଦୁଃଖ ଅବସାଦ ସହଜ ଓ ସମାହିତ ହୋଇଗଲା, ଯେବେଠାରୁ ନୁଆଁଣିଆ ସେଇ ଚାଳଛପର ଘରେ ଶୁଭିଲା କୁଆଁ କୁଆଁ ଡାକ ।

ବଦଳି ଯାଇଥିଲା ଜୀବନର ରଙ୍ଗ । ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା ରୋମାଞ୍ଚକର ତଥା ଉଲ୍ଲାସ ପରିପୂର୍ଣ୍ଣ । ମରୁଭୂମିର ଶୋଷ ନେଇ, ହତାଶାର ବାରୁଦ ଉପରେ ଛଟପଟ ହେଉଥିବା ଜୀବନ ଉପରେ ଛନ ଛନ ସ୍ୱଚ୍ଛ ଜଳରାଶି ପ୍ରବାହିତ ହୋଇଯାଉଥିଲା । ସୁଖୀ ମଣିଷର ଏକ ଏକ ସଂଜ୍ଞାରେ ପରିଣତ ହୋଇଯାଉଥିଲେ ଚକ୍ରଧର ଓ ଚମ୍ପା । ସକାଳର ଖରା ପରି ସୁନ୍ଦର, ନିର୍ମଳ ଓ ପରିଷ୍କାର ଦେଖାଯାଉଥିଲା ଚମ୍ପାର ମୁହଁ ।

ଧୀରେ ଧୀରେ ବଡ଼ ହେଉଥିଲା ଚନ୍ଦରା ଓରଫ ଚନ୍ଦନ । ଚନ୍ଦକୁ ଯା' ଭିତରେ ତିନିବର୍ଷ ପୂରି ଚାରିବର୍ଷ ଚାଲିଥିଲା ।

ଏଇ କେତେଦିନ ହେବ ପିଲାଟା ଭାରି କାନ୍ଦୁଚି । ରାହାଧରା ବିକଳ କାନ୍ଦ । କୋହଉଠା ଲୁହଲାଲ ଏକାକାର କାନ୍ଦ । ଖେଳୁଥିବ ଖେଳୁଥିବ, ଦଣ୍ଡେ ଗୁମ୍ ହୋଇ ବସିଯିବ ଏବଂ ପରେ ପରେ ଫାଟିପଡ଼ିବ ଭେଁ ଭେଁ କାନ୍ଦଣାରେ । ବୁଝେଇ ବୁଝେଇ ଥକିଯିବ ଚକ୍ରଧର, ଚମ୍ପା । ମା'ର ସ୍ତନ, କକବାଇଆ, ସରଗର ଚାନ୍ଦ ଆଦି ଯାବତୀୟ ପ୍ରଲୋଭନ ସେତେବେଳେ ତୁଚ୍ଛ ଓ ନିରର୍ଥକ ହୋଇପଡ଼ନ୍ତି ଏଡ଼ିକି ବକେଟ ଛୁଆର ବିକଳ କାନ୍ଦଣା ପାଖରେ । ଛାତିକୁ ଥରାଇ ଦେବାପରି, ବାପା ମା'ଙ୍କ ପିଞ୍ଜରାହାଡ଼କୁ ଭାଙ୍ଗି ଚୁରମାର୍ କରିପକାଇବାର ସାମର୍ଥ୍ୟ ବହନ କରୁଥିବା ସେ କାନ୍ଦ ଦିନକୁ ଦିନ ଅପ୍ରତିହତ ହୋଇପଡୁଥିଲା । ବାରଲୋକ ବାର ପରାମର୍ଶ ଦେଉଥିଲେ ।

ପିଲାଟାକୁ କିଏ ଦୃଷ୍ଟି କରିଦେଇଚି ମ ! ରାଧୁଆ ଗୁଣିଆକୁ ଡାକି ଟିକେ ଝଡ଼ାଫୁଙ୍କା କରି ଦଉନା, ସବୁ ଠିକ୍ ହୋଇଯିବ ! ମନ୍ତ୍ରୁରା ଲୁଣିଟିପେ ତା' ଖାଇବାରେ ପକାଇ ଦଉନା, ସବୁ ଠିକ୍ ହୋଇଯିବ !

ପୀରବାବାଙ୍କ ପାଖରୁ ଡେଉଁରିଆଟିଏ ଆଣି ପିଲାର ଅଣ୍ଟାରେ ବାନ୍ଧିଦିଅ, ଏକାଦିନକେ ଭଲ ହୋଇଯିବ !

ପାତ୍ରପଡ଼ା ନୀଳମଣି ଡାକତର ପାଖରୁ ଚାରେଣାରେ ହୋମିଓପାଥି ଔଷଧ ଆଣି ଦେଇଦେଉନା, ଭଲ ହୋଇଯିବ !

ପରଜଙ୍ଗ ମେଡ଼ିକାଲର ସାହୁ ଡାକତର ପାଖକୁ ନେଇଯାଅ, ସେ ଠିକ୍ କରିଦେବ !

ଚକ୍ରଧର ଓ ଚମ୍ପା ଏସବୁ କରୁଥିଲେ । ଅଥଚ କିଛି ଠିକ୍ ହେଉନଥିଲା । ପୁଅ କାନ୍ଦୁଥିଲା ସବୁବେଳେ । ତାକୁ ଯେତେବେଳେ ଚାରିବର୍ଷ ପୂରିଲା, ଯେତେବେଳେ ସେ ଭଲଭାବେ କଥା କହି ଶିଖିଲା, କଷ୍ଟ କ'ଣ ଜାଣିଲା, ପେଟକୁ ଚିପିଧରି କହିଲା - "ପେତ କାତୁଚି ..."

ପୁଅର ପେଟ କାଟୁଥିଲା ।

ଖେଳୁଥିବ ଖେଳୁଥିବ, ହଠାତ୍ କାନ୍ଦି ଉଠିବ ଭେଁ ଭେଁ ହୋଇ । ଏମିତି କାନ୍ଦିବ ଯେ ସତେଯେପରି ତାକୁ କିଏ ଚରମ ନୃଶଂଶତାର ସହ ପିଟି ପକାଉଚି ! ବାପାଲୋ ଧନଲୋ କହି ଯେତେ ବୁଝାଇଲେ, ଯେତେ ଗେଲ ଆଦର କଲେ ବି ବୁଝିବନି କି ତା' କାନ୍ଦ ବନ୍ଦ ହେବନି । କାନ୍ଦି କାନ୍ଦି ନେଳି ପଡ଼ିଯିବ । ଝାଳନାଳ ଏକାକାର ହୋଇଯିବ ତା' ଛୋଟିଆ ଦେହ । କାହା ପାଖରେ ଥୟ ଧରି ରହିବନି । ନା ବାପା କାନ୍ଧରେ, ନା ମା' କୋଳରେ । ବିକଳ ହୋଇ, କଲବଲ ହୋଇ ଖାଲି ମାଟିରେ ଗଡ଼ିବ ।

କ'ଣ ଦିନେ ଦି'ଦିନର କଥା ହେଉଚି ? ପ୍ରାୟ ପ୍ରତିଦିନ ପୁଅର କଷ୍ଟ ଦେଖି ଦେଖି ହନ୍ତସନ୍ତ ହୋଇଯାଉଥିଲା ଚମ୍ପା । ତା'ଛାତି ଭିତରଟା ରୁନ୍ଧି ହୋଇଯାଉଥିଲା ନାହିଁ ନଥିବା ଯନ୍ତ୍ରଣାରେ । ଝଡ଼ାଫୁଙ୍କାଠାରୁ ଆରମ୍ଭ କରି ଠାକୁର ଠାକୁରାଣୀ ପର୍ଯ୍ୟନ୍ତ, କବିରାଜ ଚେରମୂଳିଠାରୁ ଆରମ୍ଭ କରି ପରଜଙ୍ଗ ହସ୍ପିଟାଲର ସାହୁ ଡାକର ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଉଥିଲା । ଚକ୍ରଧର । ଡହଳବିକଳ ହୋଇଯାଉଥିଲେ ସ୍ୱାମୀ-ସ୍ତ୍ରୀ ଦୁହେଁ । ଗୋଟେ ଅଶୁଭ ଆଶଙ୍କା ଧୀରେ ଧୀରେ ବିଶାଳ ହୋଇଯାଉଥିଲା ମନ ଭିତରେ । କମି ଯାଉଥିଲା ଆସ୍ଥା, ଜୀବନ ପ୍ରତି, ସଂସାର ପ୍ରତି, ସଂସାରର ଯାବତୀ ହାନି-ଲାଭ ବୁଝୁଥିବା ବିଧାତା ପ୍ରତି । ଛାତି ଭିତରେ ସୃଷ୍ଟି ହୋଇଯାଉଥିଲା ବିଶାଳ ଏକ କ୍ଷତ । ଦିନକୁ ଦିନ ଅପରାଜେୟ ହୋଇ ଉଠୁଥିବା ସେ କ୍ଷତର ଯନ୍ତ୍ରଣା ସଂକ୍ରମିତ ହୋଇଯାଉଥିଲା ଦେହ, ମନ, ଆତ୍ମା, ଜଳ, ସ୍ଥଳ, ଆକାଶ ଓ ଅଣୁପରମାଣୁକୁ । ସୀମାହୀନ ଅନ୍ଧକାର ସୃଷ୍ଟି ହୋଇଯାଉଥିଲା ଚାରିଆଡ଼େ । ଲାଗୁଥିଲା ସମଗ୍ର ବ୍ରହ୍ମାଣ୍ଡ ଯେପରି ଅସୁସ୍ଥ ହୋଇପଡ଼ିଛି ! କେବଳ ପୁଅ ଚନ୍ଦନ ନୁହେଁ କି ଚମ୍ପା-ଚକ୍ରଧର ନୁହନ୍ତି, ସାରା ସଂସାର ସତେଅବା ଛଟପଟ ହେଉଚି ଅକଥନୀୟ, ଅସହନୀୟ ଯନ୍ତ୍ରଣାରେ ! !

"ନେଇଯିବି ମୋ ପୁଅକୁ କଟକ ବଡ଼ ଡାକତରଖାନା । ବଡ଼ ମେଡ଼ିକାଲର ସବୁଠୁ ଭଲ, ସବୁଠୁ ବଡ଼ ଡାକତର ପରୀକ୍ଷା କରି ଦେଖିବ ମୋ ପୁଅକୁ । ସେମାନଙ୍କ ହାତ ବାଜିଲେ କେଡ଼େ କେଡ଼େ ବଡ଼ ବଡ଼ ରୋଗ କୋଉ ଛଟକରେ ଉଭାନ ହୋଇଯାଉଛି ! ଇୟେ ପେଟ ବିନ୍ଧା, ପୁଣି ଏଡ଼ିକି ବକଟେ ଛଉଆର, ଏମିତି କୋଉ ଗୁରୁତର ରୋଗଟା ଯେ ?"

ପୁଅର ପେଟକଷ୍ଟଜନିତ ବିକଳପଣକୁ ସହି ନପାରି, ବାତ୍ସଲ୍ୟ-ମମତାରେ ବିଗଳିତ ହୋଇଯାଇ ମୁହଁଟାଣ ଦେଖାଇ ଚକ୍ରଧର ଏକଥା କହିଦିଏ ସିନା, କିନ୍ତୁ ତା'ର ସାହାସ କୁଳାଏନି । ଜୀବନରେ ସେ କେବେ କଟକ ସହର ମାଟିରେ ପାଦ ପକାଇବା ତ ଦୂରର କଥା, ତା'କଥା ଭାବିନାଇଁ ମଧ୍ୟ । ତା'ଧାନ ବିଲ, ନଡ଼ିଆଗଛ, ଗାଈବଳଦ, ବାଡ଼ିପୋଖାରୀର ମାଛ, ଶଗଡ଼, ରାସ୍ତାଛକର ବିକଳି ଚା'ପାନ ଦୋକାନ, ବଟ ଗୋସାଇଁ ପାଖର ତ୍ରିନାଥ ମେଳା, ଶନିଶ୍ଚର ମେଳା, ମାଘସପ୍ତମୀର ଅଷ୍ଟପ୍ରହରୀ, ଗାଁ ପୋଖରୀରୁ ମାଛଧରା, ଜନ୍ତାଳ, ଘନ ସାହୁକାରର ପାଞ୍ଚମାଣିଆ ଜମିର ବେଉଷଣ ଭଲ ତ ସେ ଭଲ । ସେ ବା କାଇଁକି ଚିନ୍ତା କରିବ କଟକ ସହର ବିଷୟରେ ?

କ୍ରମଶଃ...

ରାସ୍ତାର ଠିକଣା

ରସାନନ୍ଦ ସାହୁ

ସବୁ ଥାଇ ବି
ବିଶ୍ୱାସର ମଞ୍ଜ ଅଣୁଏ
ଦୋହଲିଗଲେ
କେହିଜଣେ ହରିନିଏ କଳା
ବାଁ ହାତର ଗାଣ୍ଡୀବ
ଭାରି ପଡ଼ିଯାଏ
ଡାହାଣ ହାତକୁ ।

ଓ କିଛି ଖାସ୍ ନଥାଇ ବି
ବିଶ୍ୱାସର ମଞ୍ଜର ଜୋର୍‌ରେ
ନିଷିଦ୍ଧ ଔଷଧର ସାମର୍ଥ୍ୟ
ଚଅଁରିଯାଏ ଶିରା ପ୍ରଶିରାରେ
ତ କୂଳଲଂଘା ଘନଘୋର ନଈ
ଅନାୟାସେ ପାରିହେଇହୁଏ ।

କାନଡେର ନିଜର ଛାତିରେ
ଚେନାଏ ବିଶ୍ୱାସର ମେହେନ୍ଦି ବୋଳି
ଶୁଣିବ କୁଳୁକୁଳୁ ମର୍ମର ତାନ
ଧାପେ ଭରସାର ।

ଫୁଟିଉଠିବ ଇଚ୍ଛାର ମୁକୁଳ
ଜୀଇଁବାର ସନନ୍ଦ ।

ଦେଖାଯିବ ଖୁଉବ୍ ଦୂରରେ
ଧାରେ ଆଲୁଅ
ଘନ ତମିସ୍ରାର
ବାଟହୁଡ଼ା ଅଝାଡ଼ ଜଙ୍ଗଲ ଭିତରେ ।

ମୁଁ ଦେଖିଛି ତମପରି ଅନେକ ଫୁଲ
ବିନା ପାଖୁଡ଼ା ଓ ହରାଭରା ରଙ୍ଗରେ
ମଲ୍ଲି, ଗଙ୍ଗଶିଉଳି, ହେନାର ସୁରଭି
ବି ଦେଖିଛି ଆକଳନ ଫୁଲ
ଚକ୍‌ମକ୍ ତ୍ୱଚାର ମୁଲାୟମ୍ ପାଖୁଡ଼ାରେ
କାଗଜଫୁଲ ଇ ଖାଲି ।

ମୁଁ ଦେଖିଛି ଇମିତି ଭଅଁର
ପଟେ ଡେଣାରେ
ସାରା ଆକାଶଟା ତା'ର
ବି ଦେଖିଛି ପରିପୂର୍ଣ୍ଣ ଭଅଁର
ଟପିପାରୁ ନ ଥିବା
ଖୋଜ ଆପଣା ଇଲାକା !

ହେ ପାନ୍ଥ !
କବନ୍ଧ ବି ପୋତିପାରେ
ଏଭରେଷ୍ଟରେ ଝଣ୍ଡା
ତ 'ଆଟ୍‌ସାଲସ୍' ହାଲିଆ ହେଇଯାଏ
ମୁଣ୍ଡିଆଟାଏ ଦେଖୁଦେଖୁ
ହିମାଳୟ ଆତଙ୍କରେ !

ବାସ୍ ଆପଣା ନିଅଁକୁ / ମେରୀଖୁଣ୍ଟକୁ
ଶକ୍ତକର
ଶକ୍ତିରେ ନୁହଁ
ଆପଣା ଖାଦହୀନ ବିଶ୍ୱାସରେ ।

ଏବେ ନିରିଖି ଦେଖ-
ତମର ପ୍ରତିଦ୍ୱନ୍ଦ୍ୱୀ କେହି ନାଇଁ
ତମେ ଇ ନିଜେ ନିଜର ପ୍ରତିଦ୍ୱନ୍ଦ୍ୱୀ ॥

ପ୍ଲଟ୍ ନଂ-୧୪୮୬
ସାଇବିହାର, ଟଙ୍କପାଣିରୋଡ୍
ଭୁବନେଶ୍ୱର-୧୮
ଦୂରଭାଷ-୯୪୩୯୫୮୩୯୭୮

ସୁକାନ୍ତି ରାଉତ

ହତ୍ୟା

"ତମେ ମୋତେ ମାରିଦେଲ ସୂରଜ । ଆଉ ଗୋଟାଏ ବିଧବାକୁ ସିନ୍ଦୂର ପିନ୍ଧେଇ ଭୁଲିଗଲ । ମୋ ସହିତ ବେଦୀରେ ଶପଥ କରିଥିଲ, ସାତଜନ୍ମକୁ ମୋ ସହିତ ସୁଖରେ ହେଉକି ଦୁଃଖରେ ଦିନ କାଟିବ । ମୋତେ ହତ୍ୟା କରି ସୁଖରେ ତମେ ରହିଛ ସୂରଜ । ମନେରଖ ପ୍ରତି କୋଣେ ଅନୁକୋଣେ, ସୂର୍ଯ୍ୟରେ, ଚନ୍ଦ୍ରରେ, ମହାକାଶରେ ଯେଉଁଠି ଖୋଜିବ ମୋତେ ସେଇଠି ପାଇବ ଆଉ ମୋର ଆତ୍ମା ତମର ଚାରିପାଖେ ଛାଇପାରି ଥିବ । ବିପଦ ଆସିଲେ ତମକୁ ସୂଚାଇ ଦେବ । ତମକୁ କହିଥିଲି ନା ତମ ବାକି ଜୀବନରେ ମୁଁ କଷ୍ଟ ଦେବିନି କେବେ ବି କେଉଁ ପରିସ୍ଥିତିରେ ବି । ତମକୁ କଥାଦେଇଥିଲି ପରା ବଞ୍ଚିଥିବା ପର୍ଯ୍ୟନ୍ତ ତମକୁ ଦେଖା ବି କରିବି ନାହିଁ । ଏତେ କଷ୍ଟ ଦେଲା ପରେ ପୁଣି ତମର ପଦଟେ କଥାରେ ତରଳି ଗଲି ଆଉ ସ୍ୱପ୍ନ ଦେଖିଲି- ଆମର ଘର ହେବ । ଖୁସିରେ ଆତ୍ମହରା ହୋଇଗଲି । ଆଉ ତମର ଗୋଟାଏ ଫୋନ୍ କଲରେ ପହଞ୍ଚିଗଲି, ଭୁଲିଗଲି ମୋତେ ଦେଇଥିବା କଷ୍ଟକୁ । ସମଲେଇ ମନ୍ଦିର ବୁଲେଇ ନେବ କହି ହୀରାକୁଦର ୨୪ ଫୁଟ ପାଣି ଉପରେ ଖୁସିରେ ଆତ୍ମହରା ହୋଇ ଫିଙ୍ଗିଦେଲ । ଆଉ ତା ପୂର୍ବରୁ କାଇଦା କଟକଣା କରି ମୋ ଠାରୁ ଲେଖିନେଲ ହତ୍ୟା ନୁହେଁ, ଆତ୍ମହତ୍ୟା । ତମର କ'ଣ ଏତିକି ବିଶ୍ୱାସ ନ ଥିଲା ସୂରଜ ତମ ବିରୋଧରେ ମୁଁ କେବେ ବି ପଦୁଟିଏ କାହା ଆଗେ କହିବିନି । ଏମିତି କି ଆମ ଘରଲୋକେ ମଧ୍ୟ । ଯେଉଁ ଘରକୁ ୬ ବର୍ଷ ତଳେ ପଛ କରି ଆସିଛି ଯେ ଆସିଛି । କିନ୍ତୁ ସୂରଜ ତମେ ହୀରାକୁଦରେ ଯେଉଁଦିନ ମୋ ତଣ୍ଟିକୁ ଆଗ ଚିପିଦେଲ ଆଉ ତମ ପାଖରେ ତମ ମମତା ତାର ଭିଡ଼ିଓ ସୁଟିଂ କରୁଥିଲା, ମୁଁ ଚିତ୍କାର କରୁଥିଲି, ବଞ୍ଚିବାକୁ ଚାହେଁ । ମୋତେ ମାର ନାହିଁ । ତମେ କିନ୍ତୁ ମୋର ଆକୁଳ ବିକଳ ଅନୁରୋଧକୁ ମାନି ନ ଥିଲ । ତମେ ଦୁଇଜଣ ବାଜି ଜିତିବା ଖୁସିରେ ହସୁଥିଲି ଢ଼େର ।'' କାହିଁ କେହି ତ ଏଠି ନାହିଁ । ଏ ଶବ୍ଦ କାହାର । ବନ୍ଦ କୋଠରୀ ଭିତରେ ପୁଣି ଏ ଶବ୍ଦ । ଲାଇଟ୍ ଅଫ୍ କଲା ସୂରଜ । କାହିଁ ସେମିତି କେହି ନାହିଁ ତ । ରାତି ୩ଟାରେ ଏ କାହା ଚିତ୍କାର । ସୁକନ୍ୟା ସ୍ୱର ପରି ଲାଗିଛି । ସେ କ'ଣ ବଞ୍ଚିଗଲା !

ଛାତ ଉପରକୁ ଗଲା । ଆଉ ଭାବିଚାଲିଲା ଗତବର୍ଷ ନୂଆଖାଇଁ ସମୟରେ ତାର ପ୍ରଥମ ପତ୍ନୀକୁ ମମତା ବୁଦ୍ଧିରେ ପଡ଼ି ହତ୍ୟା କରିଥିଲା । ଯାହାର ଭଲପାଇବାରେ ଟିକିଏ ବି ଛଳନା ନ ଥଲା । ମୋ ସହିତ ଘରଟିଏ କରିବ ବୋଲି ପୃଥିବୀର ସବୁ ଦୁଃଖକୁ ଫୁଲ ପରି ସହିଯାଇଛି । କେବେ ଥରେ ବି ପ୍ରତିବାଦ କରିନି କି ମୋ ଠାରୁ ଟଙ୍କାଟିଏ ବି ନେଇନି । କାହିଁକି ତମକୁ ମାରିଦେଲି ସୁକନ୍ୟା । କୁହ ତମକୁ ଏତେ କଷ୍ଟ ଦେଲାବେଳେ ତମେ କାହିଁକି ନିରବରେ ସହିଗଲ ସବୁ । କାହିଁକି ତମେ ମୋତେ ତମ ଘରେ ଏତେ ଉପରେ ରଖୁଥିଲ ? ତମକୁ ମୁଁ ଭଲପାଏ ସୁକନ୍ୟା । ସେଇ ୧୦ ରାତିର ପ୍ରେମକୁ ମୁଁ ୧୦ ସେକେଣ୍ଡ ପାଇଁ ବି ଭୁଲିପାରିନି । କିନ୍ତୁ ସୁକନ୍ୟା ତମେ ଆଜି ସ୍ୱର୍ଗରେ ମୋତେ ଝୁରୁଥିବ ଏକଥା ମୁଁ ଜାଣେ । ମୋ କଥା ତମେ ନିଶ୍ଚିତ ଜାଣିପାରୁଥିବ । ତମେ ମୋତେ ଅଭିଶାପ ଦେଇପାର । ସିନ୍ଦୁର ପିନ୍ଧାଇ ତମ ଜୀବନକୁ ନଷ୍ଟ କଲି ଆଉ ଶେଷରେ ତମକୁ ହତ୍ୟା ବି କଲି । କିନ୍ତୁ ତମେ ଏତିକି ଜାଣି ରଖ ସୁକନ୍ୟା । ତମକୁ ମାରିଦେଲେ ଜଣେ ବିଧବାର ମଥାରେ ସିନ୍ଦୁର ପିନ୍ଧେଇ ଦେଲେ ସେ ସଧବା ହୋଇଯାଏନି, ବାରାଙ୍ଗନା ହୋଇଯାଏ । ତମକୁ ମାରି ସାରିବା ପରେ ପ୍ରତିଦିନ କାନ୍ଦିଛି । ସେଇ ବିଧବା ମମତାକୁ ବାହାହୋଇ ପୁଣି କୁକର୍ମ କରୁଛି । ତମେ ତ ଜାଣିଛ, ଆମ ଘରେ କେତେ ନୀତି ନିୟମ । ମୁଁ ଆଜି ପର୍ଯ୍ୟନ୍ତ ବି ଘରେ କହିନି-ମମତା ବିଧବା । ଘରେ ଜାଣିଲେ ଏକଥା କଳି ଝଗଡ଼ା ହେବ । ବିଧବାକୁ କେହି ଭଲ ଦୃଷ୍ଟିରେ ଦେଖନ୍ତିନି । କୌଣସି ପୂଜା କର୍ମରେ ସେ ଆସିପାରେନା । ବିଧବାକୁ ବିବାହ କରି ତା ସହିତ ଦିନ କାଟିଲେ ପୁରୁଷର ଆୟୁଷ କମିଯାଏ, ବାରମ୍ବାର ଦେହ ଖରାପ ହୁଏ, ଏକଥା ମଧ୍ୟ ମୋତେ ଜଣାଅଛି । କିନ୍ତୁ ଏବେ ମୁଁ ନାଚାର । ତମକୁ କାହିଁକି ମାରିଲି ଆଉ ତମକୁ ମାରିବା ପଛରେ କେଉଁ ସ୍ୱାର୍ଥ ଥିଲା ତାହା ମଧ୍ୟ କହିବାକୁ ଚାହେଁ । ମୁଁ ଜାଣେ , ତମେ ମୋ ପାଇଁ ମରିନ, ଏବେ ବି ସ୍ୱର୍ଗରେ ରଖି ମୋ ସୁଖ ମନାସୁଛ । ଶୁଣ ଏବେ କେମିତି ହତ୍ୟା କରିଥିଲି ତମକୁ । ମୁଁ ଜାଣେ ତମେ ବିଶ୍ୱାସ କରିବ ନାହିଁ । ମୋତେ କୌଣସି ଯୁଗରେ ବି ବିଶ୍ୱାସ କରାଯାଇପାରେନା । ତମ ବିଶ୍ୱାସ, ଭଲପାଇବା ଆଉ ଭାବପ୍ରବଣତାକୁ ମୁଁ ଏମିତି ଭାବେ ଧ୍ୱଂସ କରିଛି ଯେ, ଆଉ ଥରେ ତମକୁ ଭଗବାନ ବି କୌଣସି ଜନ୍ମରେ ମୋତେ ସ୍ତ୍ରୀ ଭାବେ ଦେବେ ନାହିଁ । କିନ୍ତୁ ତମେ ଥରଟେ ସ୍ୱର୍ଗରେ ରହି ମୋତେ ବିଶ୍ୱାସ କରିବ ବୋଲି ଆଶା । ମୁଁ ଜାଣେ ମୁଁ ଯେବେ କଷ୍ଟ ଅନୁଭବ କରେ, ତମେ ଠିକ୍ ସେତିକିବେଳେ ମୋ ପାଖରେ ଥାଅ ଆଉ ମୁଁ ଅନୁଭବ କରେ ଆଜି ବି ତମ ଭଲପାଇବାର ହାତ ମୋ ଉପରେ ରହିଛି । ଏହା କହି ଅଡ଼ିଓ ଅନ୍ କଲା । ଦେଖ, ୬ ବର୍ଷ ଧରି ତମେ ମୋ ସହିତ ଲିଭ୍ ଇନ୍‌ରେ ରହୁଛ । ତମେ ବାହାଘର କଥା ଜାଣିବା ପରଠାରୁ ମୋତେ କହିଆସୁଛ ତମ ସ୍ତ୍ରୀକୁ କଷ୍ଟ ଦେଲେ ସେ ମରିଯିବ । ଏଥିପାଇଁ ଆମର ସବୁ ଯୋଜନା ବି ବିଫଳ ହେଲା । ତମ ଭାଉଜମାନେ ମଧ୍ୟ ଚେଷ୍ଟା କରି ବି ତାକୁ ମାରିପାରିଲେନି । ଏହା ଭିତରେ ୩ ବ ର୍ଷ

ବିତିଗଲଣି। ସେ କିନ୍ତୁ ମରିନି । ଆମ ଜୀବନରେ କଷ୍ଟା ହୋଇ ପଡ଼ିଛି । ଏହି ୩ ବର୍ଷ ଭିତରେ ତମ ସ୍ତ୍ରୀ ୩ ଥର ଆସିଛି, ତମେ ବି ତାକୁ ମାରିପାରୁନ । ମୋତେ ଲାଗୁଛି ସେ ତମକୁ ଏତେ ପରିମାଣରେ ଖୋଜୁଛି ନ ହେଲେ ତମର ତା ପ୍ରତି କୋଉଠି ନା କୋଉଠି ଭଲପାଇବା ରହିଛି । ଦେଖ, ଏମିତି ଆଉ କେତେ ଦିନ ସ୍ୱାମୀ ସ୍ତ୍ରୀ ପରି ଜୀବନ ବିତାଇବା । ମୋର ବି ଗୋଟେ ପରିଚୟ ଦରକାର । ମୋତେ ତମେ କୋର୍ଟ ହେଉ କି ମନ୍ଦିର ହେଉ ମୋତେ ବାହାହୁଅ । ନ ହେଲେ ମୁଁ ତମ ପାଖରେ ପୋଲିସ୍‌ରେ ଏତଲା ଦେବି । ଏହା କହି ସୂରଜଙ୍କ ଉପରେ ଝୁଲି ପଡ଼ିଲା ମମତା । ତମେ ବିଶ୍ୱାସ କର ଆଉ ତମ ଦେହ ଛୁଇଁ କହୁଛି ମୋ ସ୍ତ୍ରୀକୁ କୁ ମୁଁ ଟିକିଏ ବି ଭଲପାଏନା । କିନ୍ତୁ ତାକୁ ତ ଚେଷ୍ଟା କରୁଛି ମାରିବାକୁ । ହେଲେ ସେ ସବୁ ଥର ବଞ୍ଚିଯାଉଛି । ମୋ ଭାଉଜମାନଙ୍କୁ କହି ତାକୁ ଯେତେ କଷ୍ଟ ଦେଲେ ବି ସେ ବଞ୍ଚିଗଲା । ଏମିତି କି ଥରେ ହିଟରରେ ବିଦ୍ୟୁତ ସକ୍ ଦେଇ ମାରିବାକୁ ଚେଷ୍ଟା କରିଥିଲେ ମଝିଆ ଭାଉଜ , ତଥାପି ସେ ବଞ୍ଚିଗଲା । ତମେ କୁହ ତମକୁ ଭଲ

ପୁରୀ : ଆଗକୁ ସାହିଯାତ

୪ ହଜାର ଚେକ୍ ଡ୍ୟାମ୍ ଲକ୍ଷ୍ୟ

ଭୁବନେଶ୍ୱର : ୨୦୧୭-୧୮ ବର୍ଷରେ ରାଜ୍ୟରେ ୪୦୦୦ ଚେକ୍ ଡ୍ୟାମ୍ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ବିଭିନ୍ନ ଗ୍ରାମ ନିକଟରେ ପ୍ରବାହିତ ନାଳ, ଝରେ ଆଦିରେ ଉପଯୁକ୍ତ ସ୍ଥାନ ଚୟନର ସର୍ବେକ୍ଷଣ ପ୍ରକ୍ରିୟା ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଉଛି ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପ୍ରଣବ ବଳବନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୬-୧୭ ଆର୍ଥିକ ବର୍ଷର ଫେବୃଆରୀ ସୁଦ୍ଧା ଜଳସମ୍ପଦ ବିଭାଗ ଦ୍ୱାରା ୧୪୦୭ଟି ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି । ଏହି ଚେକ୍‌ଡ୍ୟାମ୍ ଗୁଡିକ ଦ୍ୱାରା ୨୮,୪୨୮ ହେକ୍ଟର ଜମିକୁ ଜଳସେଚନର ସୁଦୃଢ଼ୀକରଣ ତଥା ସହାୟକ ଜଳସେଚନର ସୁଯୋଗ ସୃଷ୍ଟି କରାଯାଇଛି । ଏହାମଧ୍ୟରୁ କ୍ଷୁଦ୍ର ଜଳସେଚନ ସଂସ୍ଥା ଦ୍ୱାରା ୧୨୮୦ଟି ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇ ୨୭,୧୭୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଛି । ବୃହତ୍ ଓ ମଧ୍ୟମ ଜଳସେଚନ ସଂସ୍ଥା ଦ୍ୱାରା ୧୨୭ଟି ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି ଏବଂ ୧୨୫୦ ହେକ୍ଟର ଜମିକୁ ଜଳସେଚନର ସୁଦୃଢ଼ୀକରଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଗତ ୫ ବର୍ଷରେ ଶିଶୁ ମୃତ୍ୟୁ ସଂଖ୍ୟା ୭୬୦୪୫

ଭୁବନେଶ୍ୱର : ରାଜ୍ୟରେ ଗତ ୫ ବର୍ଷରେ ୭୬୦୪୫ଜଣ ଶିଶୁ ମୃତ୍ୟୁବରଣ କରିଛନ୍ତି ଏବଂ ୪୬୮୯ଟି ମାତୃମୃତ୍ୟୁ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରଦାନ କରିଥିବା ତଥ୍ୟରୁ ସୂଚନା ମିଳିଛି । ଶ୍ରୀ ଅମାତ ପ୍ରଦାନ କରିଥିବା ସୂଚନା ଅନୁସାରେ ମାତୃ ମୃତ୍ୟୁହାର ରିପୋର୍ଟ ଜିଲ୍ଲା ଭିତ୍ତିରେ ଉପଲବ୍ଧ ନ ହୋଇ ୩ଟି ଆଞ୍ଚଳିକ ଆଧାରରେ ପରିଗଣନା କରାଯାଇଥାଏ । ସର୍ବଶେଷ ବାର୍ଷିକ ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ରାଜ୍ୟର ଦକ୍ଷିଣାଞ୍ଚଳ ଜିଲ୍ଲା ବୌଦ୍ଧ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ାରେ ମାତୃ ମୃତ୍ୟୁହାର ୨୪୫ ଓ ଏହା ରାଜ୍ୟର ଅନ୍ୟ ଅଞ୍ଚଳଠାରୁ ଅଧିକ । ସେହିପରି ଶିଶୁ ମୃତ୍ୟୁହାର ଜିଲ୍ଲା ଭିତ୍ତିରେ ଉପଲବ୍ଧ ହୋଇଥାଏ । ବାର୍ଷିକ ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଶିଶୁ ମୃତ୍ୟୁ ରାଜ୍ୟରେ ସର୍ବାଧିକ । ରାଜ୍ୟରେ ଶିଶୁ ଓ ମାତ୍ୟୁ ହାର ହ୍ରାସ କରିବାକୁ ଏନ୍‌ଏଚ୍‌ଏମ୍ ଯୋଜନାରେ ସରକାର ବହୁବିଧ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ଭିକାରୀମୁକ୍ତ ହେବ ଓଡ଼ିଶା !

ଭୁବନେଶ୍ୱର : ଭିକାରୀ ହଟାଇବା ପାଇଁ ରାଜ୍ୟ ସରକାରଙ୍କ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଚିନ୍ତା କରାଯାଇଛି । ସାମାଜିକ ନିରାପତ୍ତା ବଳୟ ଭିତରକୁ କିଭଳି ଭିକାରୀମାନଙ୍କୁ ଅଣାଯାଇ ପାରିବ ଏବଂ ଓଡ଼ିଶା ଭିକାରୀମୁକ୍ତ ହେବ ସେନେଇ ଏକ ପ୍ରସ୍ତାବ ସମସ୍ତ ଜିଲ୍ଲାପାଳ ଓ ଆର୍‌ଡିସିଙ୍କୁ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି । ଏନେଇ ବିଭାଗୀୟ ପ୍ରମୁଖ ଶାସନସଚିବ ନିତେନ୍ ଚନ୍ଦ୍ରା ଦେଇଥିବା ଆର୍‌ଡିସି ଓ ଜିଲ୍ଲାପାଳଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ ଜିଲ୍ଲାଓ୍ୱାରୀ କେତେ ଭିକାରୀ ଅଛନ୍ତି ତାକୁ ପ୍ରଥମେ ଚିହ୍ନଟ କରାଯାଉ । ଏଥିପାଇଁ ସେମାନଙ୍କୁ ଆଧାରକାର୍ଡ ଯୋଗାଇ ଦେବା, ବାସଗୃହ ଯୋଜନାରେ ସାମିଲ କରିବା, ରାସନକାର୍ଡ ଦେବା, ସ୍ୱାସ୍ଥ୍ୟ ସେବା ନିୟମିତ ଯୋଗାଇ ଦେବା, ମୌଳିକ ଶିକ୍ଷା ଦେବା ଭଳି ୧୬ଟି ପ୍ରସ୍ତାବ ରହିଛି । ଏମିତିକି କେତେକ କ୍ଷେତ୍ରରେ ଭିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ମଧ୍ୟ ବିଭାଗ ଦର୍ଶାଇଛି । ତେଣୁ ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରି ବିଭାଗକୁ ଅବଗତ କରାଇବା ପାଇଁ ଶ୍ରୀ ଚନ୍ଦ୍ରା ପତ୍ରରେ ଦର୍ଶାଇଛନ୍ତି ।

ନିଲାମ ହେବ ରାଜ୍ୟର ୪୨ଟି ଖଣି

ରାଉରକେଲା : ଆସନ୍ତା ଆର୍ଥିକ ବର୍ଷରେ ୯ଟି ଖଣିଜ ରାଜ୍ୟର ୨୩୮ରୁ ଅଧିକ ଖଣିର ଇ-ନିଲାମ ପାଇଁ କେନ୍ଦ୍ର ସରକାର ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ସେଥିରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ୪୬ଟି ଲୁହାପଥର ଓ ମାଙ୍ଗାନିଜ୍ ଖଣି ଅନ୍ତର୍ଭୁକ୍ତ । କେନ୍ଦ୍ର ଖଣିସଚିବ ବଲବିନ୍ଦର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ତଥା କ୍ଷମତାସମ୍ପନ୍ନ କମିଟି (ସିସିଇସି) ବୈଠକରେ ନିଲାମ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି । ତେବେ ପ୍ରସ୍ତାବିତ ନିଲାମ ପୂର୍ବରୁ ଓଡ଼ିଶାର ଅଧିକ ଖଣି ତାଲିକାଭୁକ୍ତ ହେବାର ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ ଯେ ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ ଆଇନ-୨୦୧୫ର ଧାରା ୧୦ ଏ (୨)(ସି) ଆଧାରରେ ମିଆଦ ଶେଷ ପୂର୍ବରୁ ଖଣି ଲିଜ୍ ଅବଧି ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଗତ ଜାନୁଆରୀ ୧୧କୁ ଶେଷ ଦିବସ ଧାର୍ଯ୍ୟ କରିଥିଲେ । ତଦନୁଯାୟୀ ୬୨ଟି ଖଣିର ଲିଜ୍ ମିଆଦ ବୃଦ୍ଧି ନିମନ୍ତେ ସୁଯୋଗ ଥିଲା । ମାତ୍ର ବୈଧାନିକ ସର୍ତ୍ତ ପୂରଣ କରୁଥିବା ୧୬ଟି ଖଣିର ଲିଜ୍‌ମିଆଦ ୨୦୨୦ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରାଯାଇଥିଲା ବେଳେ ଅବଶିଷ୍ଟ ୪୨ଟି ଖଣି ଏଥିରୁ ବାଦ୍ ପଡ଼ିଥିଲା । ସୁତରାଂ ଏହି ୪୬ଟି ଖଣିର ଇ-ନିଲାମ ପାଇଁ ପଥ ପରିଷ୍କାର । ଏହାଛଡ଼ା ପାଖାପାଖି ୪୦ଟି ଖଣି ବିଭିନ୍ନ କାରଣରୁ ବନ୍ଦ ରହିଥିବାରୁ ଏଗୁଡ଼ିକ ମଧ୍ୟ ନିଲାମ ପର୍ଯ୍ୟାୟକୁ ଆସିବା ସମ୍ଭାବନା ଅଛି । ଯଦି ଏସବୁ ଖଣିଗୁଡ଼ିକର ନିଲାମ ପ୍ରକ୍ରିୟା ସମ୍ପନ୍ନ ହୁଏ, ତେବେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳରେ ଲାଗିରହିଥିବା ମାନ୍ଦାବସ୍ଥା ଓ ତଜ୍‌ଜନିତ ଛଟେଇ ସମସ୍ୟା କେତେକାଂଶରେ ଦୂର ହେବା ସମ୍ଭାବନା ଅଛି । ସିସିଇସି ବୈଠକର ନିଷ୍ପତ୍ତି ଅନୁସାରେ ଓଡ଼ିଶାର ୪୬ଟି ଖଣି ସମେତ କର୍ଣ୍ଣାଟକର ୫୭ଟି, ଝାଡ଼ଖଣ୍ଡର ୩୯ଟି, ଛତିଶଗଡ଼ର ୨୭ଟି, ତେଲେଙ୍ଗାନାର ୧୯ଟି, ତାମିଲନାଡୁର ୧୭ଟି, ଗୁଜରାଟର ୧୪ଟି, ଆନ୍ଧ୍ରପ୍ରଦେଶର ୧୧ଟି ଓ ମଧ୍ୟପ୍ରଦେଶର ୮ଟି ଖଣିକୁ ମିଶାଇ ମୋଟ ୨୩୮ଟି ଖଣିର ଇ-ନିଲାମ ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ କରାଯିବ । ନିଲାମ ପୂର୍ବରୁ ବନ୍ଦ ରହିଥିବା ଅନ୍ୟାନ୍ୟ ଖଣିଗୁଡ଼ିକୁ ନିଲାମଯୋଗ୍ୟ କରିବା ନିମନ୍ତେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟର ଖଣି ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଖଣି ନିଲାମକୁ ସ୍ୱଚ୍ଛ ରଖିବା ସହ ପରବର୍ତ୍ତୀ ପ୍ରକ୍ରିୟାର ସୁପରିଚାଳନା ଲକ୍ଷ୍ୟରେ କେନ୍ଦ୍ର ସରକାର ଇତିମଧ୍ୟରେ 'ଟ୍ରାନ୍ସପରେନ୍ସି ଅକ୍ସନ୍ ମନିଟରିଂ ଆଣ୍ଡ ରିସୋର୍ସ ଅଗ୍‌ମେଣ୍ଟେସନ୍' (ଟାମ୍‌ରା) ପୋର୍ଟାଲ କାର୍ଯ୍ୟକାରୀ କରିଛନ୍ତି ।

ଛାତ୍ରୀନିବାସରେ ବ୍ୟାପକ ଅନିୟମିତତା ଅଭିଯୋଗ

କେନ୍ଦୁଝର : କେନ୍ଦୁଝର ସଦର ବ୍ଲକ ରାଇସୁଆଁ ମହାବିଦ୍ୟାଳର ଛାତ୍ରୀନିବାସରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ ହୋଇଛି । ହଷ୍ଟେଲରେ ମାତ୍ର ୧୦ରୁ ୧୫ଜଣ ଛାତ୍ରୀ ଥିବାବେଳେ ଏମାନଙ୍କୁ ବିଭିନ୍ନ ପ୍ରକାର ଶୋଷଣ କରାଯାଉଥିବା ଅଭିଯୋଗ ଆସିଛି । ପ୍ରଥମେ ଛାତ୍ରୀମାନଙ୍କ ଅଭିଭାବକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆଡମିଶନ କରାଇଥିଲେ । ପରେ କଲେଜର ପ୍ରିନ୍ସିପାଲ ମନଇଚ୍ଛା ଛାତ୍ରୀମାନଙ୍କଠୁ ଲୁଟିବା ଆରମ୍ଭ କରିଥିଲେ । ପ୍ରଥମେ ହଷ୍ଟେଲରେ ରହିବାକୁ ହେଲେ ଏକ ହଜାର ଟଙ୍କା ଦାଖଲ କରିବାକୁ କହି ହେଷ୍ଟେଲ ଛାଡ଼ିବା ବେଳେ ଏହା ଫେରାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହି ଟଙ୍କା ଫେରସ୍ତ ହେବ ନାହିଁ ବୋଲି କଲେଜ କର୍ତ୍ତୃପକ୍ଷ ଏବେ କହୁଛନ୍ତି । ସେହିପରି ମନଇଚ୍ଛା ହେଷ୍ଟେଲ ଫି ବୃଦ୍ଧି, ନିମ୍ନମାନର ଖାଦ୍ୟ ପରିବେଷଣ ଯୋଗୁଁ ପ୍ରାୟ ୩୦ଜଣ ଛାତ୍ରୀ ହେଷ୍ଟେଲ ଛାଡ଼ିଥିବା ଜଣାପଡିଛି । ସେହିପରି ଜାଲ୍ କାଗପତ୍ରରେ ଅଧିକ ଛାତ୍ରୀ ରହୁଥିବା ଦର୍ଶାଇ ଷ୍ଟାଇପେଣ୍ଡ ଟଙ୍କା ହରିଲୁଟ୍ କରାଯାଉଥିବା ନେଇ ଆଲୋଚନା ଜୋର ଧରିଛି । ଛାତ୍ରୀ ନିବାସରେ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ଥିବାବେଳେ ଛାତ୍ରୀମାନଙ୍କ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀମାନେ ଛାତ୍ରୀମାନଙ୍କ ଟଙ୍କାରେ ମଉଜ କରୁଥିବା ନେଇ ଚର୍ଚ୍ଚା ହେଉଛି । ଏସବୁ ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି ।

ଭୁବନେଶ୍ୱର ମହାନଗର ନିଗମ, ବିଡ଼ିଏ ଓ ରାଜ୍ୟ ଭିଜିଲାନ୍ସ ତରଫରୁ ଆୟୋଜିତ ରାଜ୍ୟ ଭିଜିଲାନ୍ସର ଡ଼ାଇମଣ୍ଡ ଜୁବୁଲି ଅବକାଶରେ ପଥଉତ୍ସବ ଅବସରରେ ରାଜ୍ୟର ଅଗ୍ରଣୀ ଶିଶୁ ଅଧିକାର ସଂଗଠନ ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସିସିଡବ୍ଲୁଡି) ତରଫରୁ ପଥପ୍ରାନ୍ତ ନାଟକ 'ଆସନ୍ତୁ ଦୁର୍ନୀତିକୁ ନାଁ କହିବା' ମଞ୍ଚସ୍ଥ ହୋଇଯାଇଅଛି । ଯୁବ ସହାୟତା କେନ୍ଦ୍ର ଓ ଶିଶୁ କ୍ଲବର ସଦସ୍ୟ ସଦସ୍ୟାମାନେ ନାଟକ ମାଧ୍ୟମରେ ଦୁର୍ନୀତି ଓ ଲାଞ୍ଚ ଠାରୁ ଦୂରରେ ରହିବା ପାଇଁ ପଥଉତ୍ସବ ପ୍ରେମୀମାନଙ୍କୁ ସଚେତନ କରାଇଥିଲେ । ଦୁର୍ନୀତିମୁକ୍ତ ସମାଜ ଗଠନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଜରୁରୀ ବୋଲି ନାଟକ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ ।

ସ୍ୱର୍ଗଦ୍ୱାର ଜମି ମହାଦୁର୍ନୀତି : ଯାଞ୍ଚ କଲେ ଆର୍‌ଡିସି

ପୁରୀ : ସ୍ୱର୍ଗଦ୍ୱାର ଶ୍ମଶାନ ଜମି ମହାଦୁର୍ନୀତିର ପୁଣିଥରେ ଖୋଳତାଡ଼ ଆରମ୍ଭ ହୋଇଛି । ଏଥିପାଇଁ ସାନି ତଦନ୍ତ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ୯ ଜଣିଆ କମିଟି ଗଠନ ହୋଇଛି । ଏହି କମିଟି ପ୍ରାଥମିକ ତଦନ୍ତରୁ ଜାଣିପାରିଛି ଯେ, ଶ୍ରୀଜଗନ୍ନାଥଙ୍କର ନାମରେ ଥିବା ୧୦୦ କୋଟି ଟଙ୍କା ମୂଲ୍ୟର ଜମି ଆତ୍ମସାତ ହୋଇଛି । ଶ୍ମଶାନ ଜମିକୁ ଅନ୍ୟ ନାମରେ କରିଥିବା ରାଜସ୍ୱ ଅଧିକାରୀଙ୍କୁ ଏନେଇ ନୋଟିସ ହେବ । ପ୍ରଥମ ଦିନରେ ୩୦ଟି ରେକର୍ଡ ଯାଞ୍ଚ ହୋଇଛି । ଏନେଇ ୧୦୦ ବର୍ଷର ଜମିଜମା ରେକର୍ଡ ଯାଞ୍ଚ ହେବା ସହ ଦେବୋତ୍ତର ବିଭାଗର ରେକର୍ଡ଼ ମଧ୍ୟ ଯାଞ୍ଚ ହେବ ବୋଲି କମିଟି ପ୍ରକାଶ କରିଛି । ହଡପ ହୋଇଥିବା ମୋଟ ୨୪୨ଟି ପ୍ଲଟର ମାଲିକାନା ସମ୍ପର୍କରେ ଏହି କମିଟି ତନ୍ନତନ୍ନ ତଦନ୍ତ କରୁଛି । ସେହିପରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଡକ୍ଟର ଅଖିଳ ବିହାରୀ ଓତା ଅଚାନକ ପୁରୀ ଗସ୍ତରେ ଆସି ଏ ସମ୍ପର୍କିତ କାଗଜପତ୍ର ଯାଞ୍ଚ କରିଛନ୍ତି । ସାବକ ରେକର୍ଡ଼ରେ ଥିବା ୧୬.୪୦୦ ଏକର ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ଜମି କିପରି ଓ କେଉଁ ପରିସ୍ଥିତିରେ ବିଭିନ୍ନ ଲୋକଙ୍କ ମାଲିକାନାକୁ ଗଲା ସେ ନେଇ ତଦନ୍ତ ହେବ ବୋଲି ଶ୍ରୀ ଓତା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ଆତ୍ମସାତ୍ ଅଭିଯୋଗ ହୋଇଥିଲା । ପ୍ରାୟ ୧୧ଏକର ମୂଲ୍ୟବାନ ଜମି ବେଆଇନ ଭାବେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଯାଇଛି । ସାବକ ରେକର୍ଡରେ ଥିବା ୧୬.୪୦୦ଡେସିମିଲ ମଧ୍ୟରୁ ଏବେ ମାତ୍ର ୪୬୫ ଡେସିମିଲ ଅଛି । ଶ୍ମଶାନର ମୁଖ୍ୟ ପ୍ରବେଶପଥ, ପଥଶ୍ରାଦ୍ଧ ସ୍ଥାନ ଏବଂ ଶବସତ୍କାର ସ୍ଥାନ ମଧ୍ୟ ଅନ୍ୟ ମାଲିକାନାକୁ ଚାଲିଯାଇଛି । ସର୍ବସାଧାରଣ ଶ୍ମଶାନ ଜମିରେ ବେଆଇନ ଭାବେ ଗଢି ଉଠିଛି କେତେକ ହୋଟେଲ, ଲଜିଂ ଓ ମଦ ଦୋକାନ । ଜମି ଦୁର୍ନୀତି ସମ୍ପର୍କରେ ତଥ୍ୟ ଜିଲା ପ୍ରଶାସନ ପାଖରେ ଥିଲେ ମଧ୍ୟ ୬ବର୍ଷ ହେଲା ତାହାକୁ ଚପାଇ ରଖାଯାଇଛି । ଶ୍ମଶାନ ଜମି ପୁନରୁଦ୍ଧାର ଦିଗରେ ସାମାନ୍ୟତମ ଉଦ୍ୟମ କରାଯାଇ ନାହିଁ । ୧୮୯୯ ସାବକ ରେକର୍ଡ ମୁତାବକ ସମୁଦ୍ରକୂଳ ନିକଟସ୍ଥ ବାଲିସାହି ରାଜସ୍ୱ ମୌଜାର ଖାତା ୩୩ ଏବଂ ପ୍ଲଟ ନଂ ୮୫୩ରେ ୧୬ଏକର ୪୦୦ଡେସିମିଲ ଜମି ରହିଥିଲା । ତାହାର ମାଲିକ ଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁ । ପ୍ରଜାସ୍ୱତ୍ୱ ବିବରଣୀରେ ଅମୃତମଣୋହି ବୋଲି ଉଲ୍ଲେଖ ଥିଲା । ମାର୍ଫତଦାର ଭାବେ ଶଙ୍କର ମଧୁସୂଦନ ତୀର୍ଥସ୍ୱାମୀ, ଗୁରୁ ଦାମୋଦର ତୀର୍ଥସ୍ୱାମୀ ଏବଂ ଜାତି: ବୈଷ୍ଣବ ବୋଲି ଉଲ୍ଲେଖ ରହିଛି । ୧୯୬୬ରୁ ୧୯୮୮ ମଧ୍ୟରେ ୧୦ଏକର ୩୪୨ଡେସିମିଲ ଜମି ବିଭିନ୍ନ ଲୋକଙ୍କ ମାଲିକାନାକୁ ଚାଲିଯାଇଛି । ୫.୬୮୮ ଡେସିମିଲ ବନ୍ଦୋବସ୍ତ ଥିବାବେଳେ ସରକାରୀ ଖାତାକୁ ଯାଇଛି ୭୦୫ଡେସିମିଲ । ୧୯୮୯-୯୦ ହାଲ୍ ରେକର୍ଡରେ ୪୬୫ ଡେସିମିଲ ସ୍ୱର୍ଗଦ୍ୱାର ଶ୍ମଶାନ ଭାବେ ଦର୍ଶାଯାଇଛି । ସୂଚନା ଅନୁଯାୟୀ ସ୍ୱର୍ଗଦ୍ୱାର ଶ୍ମଶାନର ବିକାଶ ପାଇଁ ୧୯୮୫ରେ ଜିଲା ପ୍ରଶାସନ ପକ୍ଷରୁ ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ୨ଟି ପର୍ଯ୍ୟାୟରେ ୧ଏକର ଜମି ଦିଆଯାଇଥିଲା । ଅତିରିକ୍ତ ଉପଜିଲାପାଳ ଭିଜିଲାନ୍ସକୁ ଦେଇଥିବା ତଥ୍ୟ ଅନୁଯାୟୀ କେତେକ ଜମିଜମା ରେକର୍ଡ ଜାଲ୍ କାଗଜପତ୍ରକୁ ଭିତ୍ତିକରି କରାଯାଇଛି । ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ପରେ ଶ୍ରୀ ଓତା କହିଛନ୍ତି ସ୍ୱର୍ଗଦ୍ୱାର ଶ୍ମଶାନ ସମ୍ପ୍ରସାରଣ କାର୍ଯ୍ୟ କୌଣସି ପରିସ୍ଥିତିରେ ଅଟକିବ ନାହିଁ ।

ଏପ୍ରିଲ ୫ରୁ +୨ ଖାତାଦେଖା

ଭୁବନେଶ୍ୱର : ସିଏଚ୍‌ଏସ୍‌ଇ ଦ୍ୱାରା +୨ ପରୀକ୍ଷା ଶେଷ ପର୍ଯ୍ୟାୟରେ । ମାର୍ଚ୍ଚ ୩୦ରେ ସମସ୍ତ ବିଷୟର ପରୀକ୍ଷା ଶେଷ ହେବାକୁ ଥିବା ବେଳେ ଏବେଠାରୁ ଖାତା ମୂଲ୍ୟାୟନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏପ୍ରିଲ ୫ ତାରିଖରୁ ଏକାଥରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଖାତାଗୁଡିକର ମୂଲ୍ୟାୟନ ଆରମ୍ଭ ହେବ । ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଏକଲକ୍ଷ ୨୦ ହଜାର ପରୀକ୍ଷାର୍ଥୀଙ୍କ ୮ଲକ୍ଷ ଖାତାର ଇ-ମୂଲ୍ୟାୟନ ହେବ । ଏଥିପାଇଁ ୩୨ଟି ମୂଲ୍ୟାୟନ କେନ୍ଦ୍ର କରାଯିବ । କଳା ବିଭାଗରେ ୧୫ଲକ୍ଷ ଉତ୍ତର ଖାତାର ମାନୁଆଲ ମୂଲ୍ୟାୟନ କରିବାକୁ ସ୍ଥିର ହୋଇଛି । ଏଥର ମଧ୍ୟ ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ସମସ୍ତ ବିଷୟ ଖାତା ଇ-ମୂଲ୍ୟାୟନ କରାଯିବ । ତାହାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ହୋଇଛି । ମୂଲ୍ୟାୟନ ପୂର୍ବରୁ ଖାତାଗୁଡ଼ିର ସ୍କାନିଂ ପରିଷଦ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ମଧ୍ୟରେ ଚାଲିଛି । ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ହୋଇଛି । ମୂଲ୍ୟାୟନର ଗୋପନୀୟତା ପ୍ରତି ଧ୍ୟାନ ଦିଆଯାଉଛି । ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଯେଉଁ ବିଷୟଗୁଡ଼ିକର ପରୀକ୍ଷା ଶେଷ ହେଉଛି ଉତ୍ତର ଖାତାଗୁଡ଼ିକୁ ସଙ୍ଗେ ସଙ୍ଗେ ସ୍କାନିଂ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏକଲକ୍ଷରୁ ଅଧିକ ଉତ୍ତର ଖାତାର ସ୍କାନିଂ ସରିଥିବା ଜଣାପଡିଛି । ତୃତୀୟ ବର୍ଷ ଲାଗି ଇ-ମୂଲ୍ୟାୟନ ହେଉଥିବାରୁ ମୂଲ୍ୟାୟନକାରୀଙ୍କୁ ଏଥର ବି ଗୋଟିଏ ଦିନ ଲାଗି ତାଲିମ ଦିଆଯିବ । ପ୍ରଥମ ଦିନରେ ଇ-ମୂଲ୍ୟାୟନକାରୀଙ୍କୁ ୫ଟି ଉତ୍ତର ଖାତା ଦିଆଯିବ । ପରବର୍ତ୍ତୀ ସମୟରେ ନିୟମିତ ଭାବେ ସେମାନେ ଖାତା ମୂଲ୍ୟାୟନ କରିବେ । ଯଦି କୌଣସି ମୂଲ୍ୟାୟନକାରୀଙ୍କର ଦ୍ୱନ୍ଦ୍ୱ ରହିଥିବ ସେମାନେ ତାହାକୁ ଦୂର କରିପାରିବେ । ଏପ୍ରିଲ ୩ୟ ସପ୍ତାହ ମଧ୍ୟରେ ଇ-ମୂଲ୍ୟାୟନ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ରାସ୍ତାରୁ ହଟିବ ଦଦରା ବସ୍

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାରୁ କଟକ ଓ ଭୁବନେଶ୍ୱରରୁ ଶହ ଶହ ସଂଖ୍ୟାରେ ପୁରୁଣା ଫିଟ୍‌ନେସ ନଥିବା ଦଦରା ବସ୍ ଚାଲିଛି । ଏହାଦ୍ୱାରା ଅଧିକାଂଶ ସମୟରେ ଦୁର୍

ଭୂତାତ୍ମାର ଦୁର୍ଗ

ଉପସ୍ଥାପନା : ଜାହ୍ନବୀସୁତ

ମଧ୍ୟଯୁଗରେ ନିର୍ମିତ ଶ୍ରିଉସବରୀ ଦୁର୍ଗ ଇଂଲଣ୍ଡ ଇତିହାସର ଅସଂଖ୍ୟ ଉତ୍ଥାନ-ପତନର ସାକ୍ଷୀ। ଏହି ଦୁର୍ଗର ପ୍ରତିଟି କୋଣ ଅନୁକୋଣରେ ମିଳିଥାଏ ଇତିହାସର ଝଲକ। କିନ୍ତୁ ସଂପ୍ରତି ସମ୍ବାଦ ଶିରୋନାମାରେ ଏହି ଦୁର୍ଗର ନାଁ ଉଠିଆସିଛି ସମ୍ପୂର୍ଣ୍ଣ ଭିନ୍ନ ଏକ କାରଣରୁ। ଜଣେ ସିରିଏଲ୍ କିଲର୍‌ର ପ୍ରେତ ଏହି ଦୁର୍ଗରେ ଘୂରି ବୁଲୁଛି ବୋଲି ଉଲ୍ଲେଖ କରିଛନ୍ତି ଇଂଲଣ୍ଡ ତଥା ୟୁନାଇଟେଡ୍ କିଙ୍ଗଡମ୍‌ର ବେଶ୍ କେତୋଟି ଗଣମାଧ୍ୟମ।

'ବ୍ଲଡି ଜ୍ୟାକ' ନାମକ ଜଣେ ସିରିଏଲ କିଲରକୁ କେନ୍ଦ୍ର କରି ଶ୍ରିଉସବରୀ ଅଞ୍ଚଳରେ ଏକ ପ୍ରାଚୀନ କିମ୍ବଦନ୍ତୀ ଶୁଣିବାକୁ ମିଳିଥାଏ। ଦ୍ୱାଦଶ ଶତାବ୍ଦୀ ବେଳକୁ ଜ୍ୟାକ୍ ବ୍ଲଣ୍ଡେଲ ନାମକ ଜଣେ ବ୍ୟକ୍ତି ସଂଶ୍ଳିଷ୍ଟ ଅଞ୍ଚଳରେ କୁଖ୍ୟାତ ହୋଇପଡ଼ନ୍ତି। ଜ୍ୟାକ ଥିଲା ଶ୍ରିଉସବରୀ ଦୁର୍ଗ (କ୍ୟାସେଲ୍)ର ନିରାପତ୍ତା ରକ୍ଷା। ସେ ଯେବେଠୁ ଶ୍ରିଉସବରୀ ଆସିଲା ତାହା ପରଠାରୁ ସ୍ଥାନୀୟ ଗାଁଗୁଡ଼ିକରୁ ଜଣକ ପରେ ଜଣେ ଯୁବତୀ ନିଖୋଜ ହେବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ଜ୍ୟାକ୍ ଏହି ଝିଅମାନଙ୍କ ସହିତ ପ୍ରେମର ଛଳନା କରି ସେମାନଙ୍କୁ ଏହି ଦୁର୍ଗ ମଧ୍ୟକୁ ନେଇ ଆସୁଥିଲା। ତା'ପରେ ସେମାନଙ୍କୁ ଅତି ଅମାନୁଷିକ ଭାବେ ଧର୍ଷଣ କରି ହତ୍ୟା କରୁଥିଲା। ମୃତ ଯୁବତୀମାନଙ୍କ ଶରୀରକୁ ନିକଟବର୍ତ୍ତୀ ସେଭାର୍ନ ନଦୀରେ ଭସାଇ ଦେଉଥିଲା। ଜ୍ୟାକ୍ ଏକ ସମୟରେ ମେରି ଆନ୍ ନାମକ ଜଣେ ଯୁବତୀକୁ ଟାର୍ଗେଟ କରିଥିଲା। ସେ ମେରିକୁ ଦୁର୍ଗ ମଧ୍ୟକୁ ନେଇଯିବା ପାଇଁ ସଫଳ ବି ହୋଇ ପାରିଥିଲା। ତେବେ ମେରିର ଭଉଣୀ ସନ୍ଦେହରେ ଜ୍ୟାକ୍‌ର କକ୍ଷରେ ପହଞ୍ଚି ଯାଇଥିଲା। ଜ୍ୟାକ୍ ସେତେବେଳେ ମେରିକୁ ହତ୍ୟା କରି ତାର ଶରୀରକୁ ଠିକଣା ଲଗାଇବା କାମରେ ବ୍ୟସ୍ତ ଥିଲା। ମେରିର ଭଉଣୀ ତୁରନ୍ତ ସେଠାରୁ ଚାଲି ଆସି ଅନ୍ୟ ରକ୍ଷୀମାନଙ୍କୁ ଏ ବିଷୟରେ ଖବର ଦେଇଥିଲା। ଫଳରେ ଜ୍ୟାକ୍ ଧରା ପଡ଼ିଥିଲା। ତାକୁ ବନ୍ଦୀ କରାଯାଇଥିଲା। ତା କୋଠରୀର ଡ୍ରୟାର ମଧ୍ୟରୁ କେତେଜଣ ଯୁବତୀଙ୍କ କଟା ଆଙ୍ଗୁଳି ମଧ୍ୟ ମିଳିଥିଲା। ଏହି ଘଟଣାର ଅଳ୍ପଦିନ ପରେ ଜ୍ୟାକ୍‌କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଶ୍ରିଉସବରୀର ପ୍ରାଇଡ୍ ହିଲ୍‌ରେ ଜ୍ୟାକକୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଶୁଣିବାକୁ ମିଳେ ବିଚାର ପ୍ରକ୍ରିୟା ଓ ଦଣ୍ଡ ବିଧାନ ସମୟରେ ଜ୍ୟାକ୍ ଥିଲା ସମ୍ପୂର୍ଣ୍ଣ ଅବିଚଳିତ।

ଗତ କିଛି ବର୍ଷ ମଧ୍ୟରେ ଶ୍ରିଉସବରୀ ଦୁର୍ଗ ମଧ୍ୟରେ ବ୍ଲଡି ଜ୍ୟାକ୍‌ର ଆତ୍ମାକୁ ଅନେକ ଥର ଦେଖିବାକୁ ମିଳିଛି। ପ୍ରତ୍ୟକ୍ଷଦର୍ଶୀ ତଥା ସ୍ଥାନୀୟ ବାସିନ୍ଦାଙ୍କ ମତରେ ସେମାନେ ଅନେକ ଥର ଏକ ଛାୟାମୂର୍ତ୍ତିକୁ କିଛି ଗୋଟିଏ ଓଜନିଆ ଜିନିଷ ବୋହି ନେବାର ଦେଖିବାକୁ ପାଇଛନ୍ତି। ସେହି ଓଜନିଆ ଜିନିଷଟି ମେରି ଆନ୍‌ର ଶରୀର ବୋଲି ମଧ୍ୟ କେହି କେହି ମନେ କରନ୍ତି। କେବଳ ସେତିକି ନୁହେଁ, ମଝିରେ ମଝିରେ ଶ୍ରିଉସବରୀ ଦୁର୍ଗ ମଧ୍ୟରୁ ଶୁଣିବାକୁ ମିଳିଥାଏ ନାରୀକଣ୍ଠର ଆର୍ତ୍ତ ଚିତ୍କାର। ଏହି ଖବର ଜଣାପଡ଼ିବା ପରେ ପାରାନର୍ମାଲ ବିଶେଷଜ୍ଞ ଏବଂ ଘୋଷ୍ଟ ହଣ୍ଟରମାନେ ଶ୍ରିଉସବରୀ ଛୁଟିଥିଲେ। ସେହିଦିନଠାରୁ ସେଠାରେ ପର୍ଯ୍ୟଟକଙ୍କ ଭିଡ ଜମୁଛି।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସତରେ କ'ଣ ...

ଡାକ୍ତର ଦାମୋଦର ରାଉତ କହିଛନ୍ତି ଯେ ଅଫିସରରାଜ୍ ଯୋଗୁଁ ମୁଁ ଅସହାୟ ହୋଇପଡ଼ିଛି। ସମସ୍ତ ଅଭିଜ୍ଞତା ଓ ଦକ୍ଷତା ଥିବା ସତ୍ତ୍ୱେ ରାଜ୍ୟରେ ଚିନିକଳ ଚାଲିପାରୁ ନାହିଁ। ମୋର ବୁଦ୍ଧି ଅଛି, ହେଲେ ଏଠି ପ୍ରବଳ ବାଧା ଯୋଗୁଁ ମୁଁ କିଛି କରିପାରୁନି। ଅତୀତରେ ଯେଉଁ ବିଭାଗ ଦାୟିତ୍ୱରେ ମୁଁ ରହିଛି, ସେଠାରେ ଭଲ କାମ କରି ପୁରସ୍କୃତ ହୋଇଛି। ଏବେ ଅଫିସରମାନଙ୍କ ଅମନଯୋଗିତା ଯୋଗୁଁ ପ୍ରଶାସନିକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ଚିନିକଳ ଚାଲିପାରୁନି କି ଚାଷୀମାନେ ବକେୟାପ୍ରାପ୍ୟ ପାଇପାରୁନାହାନ୍ତି। ମୋତେ କିନ୍ତୁ ସବୁ ବିଧାୟକ ଦକ୍ଷ ବୋଲି କହୁଛନ୍ତି। କିନ୍ତୁ ଏବେ ମୁଁ ଅପାରଗ ଓ ଅସହାୟ।

ଏହାଥିଲା ବିଧାନସଭାରେ ବରିଷ୍ଠ ବିଜେଡି ନେତା ତଥା ସମବାୟ ଓ ଅବକାରୀ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ଉତ୍ତର। ତେବେ କଥାଉଠେ ଦାମବାବୁଙ୍କ ଭଳି ଦକ୍ଷ, ଟାଣୁଆ ଓ ଅଭିଜ୍ଞ ମନ୍ତ୍ରୀଙ୍କୁ ଅଫିସରମାନେ କ'ଣ ସତରେ ଅସହାୟ କରିଦେଇଛନ୍ତି? ଯାହାଫଳରେ ମନ୍ତ୍ରୀ ଚାହୁଁଥିବା କାମ ଅଟକିଯାଉଛି? ଏଭଳି କଥାକୁ ସାଧାରଣ ଲୋକେ ସହଜରେ ହଜମ କରିପାରୁ ନାହାନ୍ତି। କାରଣ ବରିଷ୍ଠତା ଦୃଷ୍ଟିରୁ ଦାମବାବୁ ଯେଭଳି ପୁରୁଣା, ବିଚକ୍ଷଣତା ଦୃଷ୍ଟିରୁ ମଧ୍ୟ ସେହିଭଳି ଟାଣୁଆ। ଦୀର୍ଘବର୍ଷ ହେବ ସେ ଶାସନର ସବୁଦିଗକୁ ଭଲଭାବେ ଦେଖି, ପଢ଼ି, ବୁଝିପାରୁଛନ୍ତି। ଜନତା ଦଳଠୁ ବିଜୁ ଜନତା ଦଳ ପର୍ଯ୍ୟନ୍ତ ଓଡ଼ିଶାର ରାଜନୀତି ତାଙ୍କ ନଖଦର୍ପଣରେ। ବିରୋଧୀଙ୍କୁ କଟାକ୍ଷ କରିବାରେ ସେ ଯେମିତି ଧୂରନ୍ଧର, ଶାସନକୁ ସଜାଡ଼ିବା ଦିଗରେ ମଧ୍ୟ ସେମିତି ତତ୍ପର। ଶାସନକଳକୁ କେମିତି ମୋଡ଼ିଲେ ପ୍ରଶାସନ ସାବାଡ଼ ହେବ, ଏକଥା ଦାମବାବୁଙ୍କୁଅଛପା ନୁହେଁ। ରାଜ୍ୟ ରାଜନୀତିର ସବୁ ଗୁମର ତାଙ୍କ ପାଖରେ ଠୁଳ ହୋଇଛି। ଅସଜଡ଼ାକୁ ସଜାଡ଼ିବା ଦକ୍ଷତା ତାଙ୍କଠୁ ଅଧିକ ଆଉ ବା କିଏ ଜାଣିଛି? ହେଲେ ବିଧାନସଭାରେ ମନ୍ତ୍ରୀ ଡାକ୍ତର ରାଉତଙ୍କ ଏଭଳି ଉତ୍ତର ପଛରେ କିଛି କାରଣ ନାହିଁ ତ? କାରଣ ଅତୀତରେ ଦାମବାବୁଙ୍କୁ ଗୋଟିଏ ତୀର ରାଜନୀତିର ବିଭିନ୍ନ ଦିଗକୁ ଗତି କରିଛି। ତେଣୁ ଚିନିକଳ ପ୍ରସଙ୍ଗରେ ସେ କହିଥିବା ଉତ୍ତର ଭାବପ୍ରବଣତା ନା ବାସ୍ତବ ତାହା ବୁଝିବା ନିହାତି ମୁସ୍କିଲ। ତେଣୁ ଦାମବାବୁ ଯେ ପ୍ରକୃତରେ ଅସହାୟ ଓ ଅପାରଗ ଏକଥା ଗ୍ରହଣୀୟ ହେଉନାହିଁ। କାରଣ ଶାସନରେ ଥାଇ ପ୍ରଶାସନକୁ ଦ୍ୱନ୍ଦ୍ୱ ଭିତରକୁ ଟାଣିବା ଯେମିତି ଅଡୁଆ ଲାଗୁଛି, ସେମିତି ସହଜରେ ବୁଝିହେଉନି ଦାମବାବୁଙ୍କ ଅସହାୟତା।

ଜନତାଙ୍କୁ ...

ଏହି ନୂତନ ବିଦ୍ୟୁତ୍ ଶୁଳ୍କ ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଲାଗୁ କରାଯିବ ବୋଲି ଆୟୋଗଙ୍କ ସଚିବ କେ ଏଲ୍ ପଣ୍ଡା ସୂଚନା ଦେଇଛନ୍ତି। ଆୟୋଗଙ୍କ ନିକଟରେ ଗତ ମାସରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଲାଗି ବିଦ୍ୟୁତ୍ ଉତ୍ପାଦକ, ବିଦ୍ୟୁତ୍ କ୍ରେତା ଓ ବିଦ୍ୟୁତ୍ ଆବଣ୍ଟନ ସଂସ୍ଥାଗୁଡ଼ିକ ପକ୍ଷରୁ ଆବେଦନ କରାଯାଇଥିଲା। ତେବେ ସେମାନଙ୍କ ବିଦ୍ୟୁତ୍ ବୃଦ୍ଧି ପ୍ରସ୍ତାବ ଉପରେ ରାଜ୍ୟ ପରାମର୍ଶଦାତା କମିଟି ଏବଂ ରାଜ୍ୟ ସରକାରଙ୍କ ମତାମତକୁ ନେବା ପରେ ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ ଶୁଳ୍କ ୧.୪୪ ପ୍ରତିଶତ ବୃଦ୍ଧି କରିବାକୁ ଅନୁମତି ଦେଇଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉପଭୋକ୍ତା ଏବଂ କୁଟୀରଜ୍ୟୋତି ଗ୍ରାହକ, କୃଷି ଓ ସାଧାରଣ ଉପଭୋକ୍ତାଙ୍କର ୫୦ ୟୁନିଟ୍ ପର୍ଯ୍ୟନ୍ତ ଶୁଳ୍କ ଅପରିବର୍ତ୍ତିତ ରହିଛି। ଗ୍ରାମାଞ୍ଚଳ ନିୟମିତ ବିଦ୍ୟୁତ୍ ଦେୟ ପୈଠ କରୁଥିବା ଉପଭୋକ୍ତାଙ୍କୁ ପୂର୍ବରୁ ୧୦ ପ୍ରତିଶତ ରିଆତି ପ୍ରଦାନ କରାଯାଉଥିଲା। ତେବେ ସେମାନଙ୍କୁ ଆୟୋଗ ଅତିରିକ୍ତ ୫ ପ୍ରତିଶତ ଅର୍ଥାତ ୧୫ ପ୍ରତିଶତ ରିଆତି ପ୍ରଦାନ କରିଥିବା ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଯେଉଁ ଉପଭୋକ୍ତାମାନେ ଅନ୍‌ଲାଇନ୍‌ରେ ଦେୟ ପୈଠ କରୁଛନ୍ତି ସେମାନଙ୍କୁ ୧ ପ୍ରତିଶତ ରିଆତି ପ୍ରଦାନ କରାଯାଇଛି।

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଉପରେ ଆୟୋଗ ତାଙ୍କର ମତାମତରେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିଦ୍ୟୁତ ଚାହିଦା ତାପଜ ବିଦ୍ୟୁତ ଉତ୍ପାଦନ ଉପରେ ନିର୍ଭର କରୁଛି। କୋଇଲାର ମୂଲ୍ୟ ଟନ୍ ପିଛା ୪୦୦ ଟଙ୍କା ବୃଦ୍ଧି ଘଟିଥିବାରୁ ଗ୍ରିଡ୍‌କୋର ଦାବି ଉପରେ ବିଚାର କରାଯାଇ ବିଦ୍ୟୁତ୍ ୟୁନିଟ୍ ପିଛା ୧୭ ପଇସା ବୃଦ୍ଧି କରାଯାଇଛି। ତେବେ ଏହି ବୋଝରୁ ୧୦ ପଇସା କେବଳ ଉପଭୋକ୍ତାଙ୍କ ଉପରେ ଆୟୋଗ ଲଦି ଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି। ବାକି ୭ ପଇସା ବୋଝ ଗ୍ରୀଡ୍‌କୋ ନିଜସ୍ୱ ଦକ୍ଷତା ଓ ଉତ୍ପାଦନ କ୍ଷମତାରୁ ଭରଣା କରିବାକୁ ଆୟୋଗ ପରାମର୍ଶ ଦେଇଛନ୍ତି। ଆବଣ୍ଟନ କମ୍ପାନୀଗୁଡ଼ିକ ତାଙ୍କ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିରୁ ଯେଉଁ ୧୩୦ କୋଟି ଟଙ୍କା ବାର୍ଷିକ ଅଧିକ ଆୟ କରିବେ ବୋଲି ଆକଳନ କରାଯାଇଛି, ଏଥିରୁ ୫୦ କୋଟି ଟଙ୍କା ଗ୍ରିଡ୍‌କୋକୁ ପ୍ରଦାନ କରିବାକୁ କୁହାଯାଇଛି। ଯାହା ଗ୍ରିଡ୍‌କୋର ବକେୟା ବାବଦରେ ପାଇବ ବୋଲି ଆୟୋଗ କହିଛନ୍ତି। ରାଜ୍ୟର ବିଦ୍ୟୁତ୍ ଆବଶ୍ୟକତାର ମାତ୍ର ୨୨.୬ ପ୍ରତିଶତ କେବଳ ଜଳବିଦ୍ୟୁତ୍ ପ୍ରକଳ୍ପରୁ ମିଳୁଥିବା ଆୟୋଗ ଦର୍ଶାଇଛନ୍ତି।

ପାଇକଆଖଡ଼ା ...

ପାଇକମାନଙ୍କର ସ୍ୱତନ୍ତ୍ର ରଣକୌଶଳ ଗୋରାଫଉଜର ନିଜ ହଜାଇ ଦେଇଥିଲା। ଏହି ବୀରତ୍ୱଗାଥାକୁ ଉଜ୍ଜୀବିତ ରଖିବା ପାଇଁ ଖୋର୍ଦ୍ଧାରେ ପ୍ରତିଷ୍ଠା ହୋଇଥିଲା ସମରକଳା ଏକାଡେମୀ। ମାତ୍ର ସରକାର ଓ ପ୍ରଶାସନିକ କଳର ଅଣହେଳା ଯୋଗୁଁ ଏହି କଳା ସମେତ ଏକାଡେମୀର ଆଜି ଅଧୋପତନ ହେବାରେ ଲାଗିଛି। କେତେକ କଳାପ୍ରେମୀ ଅଭିଯୋଗ ବାଢ଼ିଛନ୍ତି ଯେ ପାଇକ ଆଖଡ଼ା ଏବେ କେମଳ ନେତା-ମନ୍ତ୍ରୀଙ୍କ ଭାଷଣ ଓ ମନୋରାଞ୍ଜନରେ ସୀମିତ ହୋଇଯାଇଛି। ମାତ୍ର ବିଜୁବାବୁ ନିଜ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଏହି ସମରକଳାକୁ ବୃତ୍ତିଗତ ଭାବେ ଶିକ୍ଷା ଦେବା ସହ ଏହାକୁ ଅନନ୍ୟ କଳାର ମାନ୍ୟତା ଦେବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିଫଳନ ସ୍ୱରୂପ ୧୯୯୪ ମସିହାରେ ଗୁରୁଜଙ୍ଗଠାରେ ଗଢ଼ିଉଠିଥିଲା ରାଜ୍ୟର ପ୍ରଥମ ତଥା ଏକମାତ୍ର ସମରକଳା ଶିକ୍ଷା ଏକାଡେମୀ। ମାତ୍ର ୨୧ ବର୍ଷ ପରେ ଆଜି ଏହି ଏକାଡେମୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ୨ ବର୍ଷ ଠିକ୍‌ଠାକ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଓ ସରକାରୀ ଅବହେଳା ଯୋଗୁଁ ଏବେ ଏହାର ସ୍ଥିତି ସଙ୍ଗୀନ। ରାଜ୍ୟରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେଉଥିବା ବେଳେ ଏସବୁ କାର୍ଯ୍ୟକ୍ରମକୁ ଆସୁଥିବା ନେତା କିମ୍ବା ମନ୍ତ୍ରୀମାନେ କେହି ବି ଏହି ପ୍ରାଚୀନ କଳା କିମ୍ବା ଏକାଡେମୀର ଉନ୍ନତି ସମ୍ପର୍କରେ ଆନ୍ତରିକତା ଦେଖାଇନାହାନ୍ତି। ବରଂ ଏହି ଏକାଡେମୀଠାରୁ ଦୃଷ୍ଟିଦୂରେଇବା ପାଇଁ ବରୁଣେଇଠାରେ ଅନ୍ୟଏକ ସମରକଳା ଏକାଡେମୀ ନିର୍ମାଣ ପାଇଁ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କଠାରେ ଦାବି କରିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରିଛି। ନିକଟରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟ ସଂଗ୍ରହାଳୟଠାରେ ପାଇକ ବିଦ୍ରୋହକୁ ନେଇ ଏକ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଯାହାକି ହାସ୍ୟାସ୍ପଦ। କାରଣ ଯେତେବେଳେ ପାଇକପୁଅ ଏହି ପରମ୍ପରା ବଜାୟ ରଖିବା ପାଇଁ ସହଯୋଗର ହାତ ଚାହୁଁଛି, ତାହା ମିଳୁନାହିଁ। ସରକାର ଏହି ଲୋକକଳାକୁ ଆଗକୁ ଆଗେଇ ନେବା ପରିବର୍ତ୍ତେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପରମ୍ପରାକୁ ଇତିହାସକୁ ଠେଲିଦେବାକୁ ଚାହୁଁଛନ୍ତି। ଅର୍ଥାତ୍ ସରକାର ଏହି ବାର୍ତ୍ତା ଦେଉଛନ୍ତି ଯେ ଏହି ଲୋକକଳାକୁ ଆଉ ଖାଲି ଆଖିରେ ସିଧାସଳଖ ଦେଖିବା ସମ୍ଭବ ନୁହେଁ, ଯାହା ଦେଖିବ ପରଦା କିମ୍ବା ଚିତ୍ରରେ।

ରାଜ୍ୟ ସରକାର ତଥା ରାଜନେତାମାନଙ୍କର ଏଭଳି ମନୋବୃତ୍ତି ଯୋଗୁଁ ଏକ ପ୍ରାଚୀନ ଲୋକକଳା ଇତିହାସ ହେବାକୁ ବସିଛି। ଏ ମାଟି ଜୟୀରାଜଗୁରୁର ମାଟି, ବକ୍ସିଜଗବନ୍ଧୁର ମାଟି; ଏହାର ପରିଚୟ ବୀରତ୍ୱର ପରିଚୟ। ଏହାର ପ୍ରମାଣ ଦେବା ପାଇଁ ସରକାରୀ ସ୍ତରରେ ଚିନ୍ତା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଆଜି ବି ଅନେକ ଯୁବକ ଇଚ୍ଛୁକ ଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ଏଥିରୁ ସେମାନେ ମୁହଁ ଫେରାଇବା ପାଇଁ ବାଧ୍ୟ ହେଉଛନ୍ତି।

ପର୍ଯ୍ୟଟନ ...

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ ଲାଗି ରାଜ୍ୟ ସରକାର ରେଳ ମନ୍ତ୍ରାଳୟକୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଖୋର୍ଦ୍ଧା-ବଲାଙ୍ଗିର ଓ ଗୁଣୁପୁର-ପାରଳାଖେମୁଣ୍ଡି ରେଳପଥ ଲାଗି ସରକାରଙ୍କ ପକ୍ଷରୁ ଯଥାକ୍ରମେ ୫୦% ଓ ୨୫% ଆର୍ଥିକ ସହାୟତା ଓ ଜମି ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ରେଳବାଇ ସହ ରାଜ୍ୟ ସରକାର ଅନ୍ୟ ପ୍ରକଳ୍ପରେ ମଧ୍ୟ ମିଳିତ ଭାବେ କାର୍ଯ୍ୟ କରିବେ। ରେଳବାଇର ବିକାଶ ଲାଗି ନୂଆ ପ୍ରକଳ୍ପ ଆରମ୍ଭ କରାଯାଇ ଥିବାରୁ ରେଳମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଓଡ଼ିଶାରୁ ରେଳବାଇ ପ୍ରତି ବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିଲେ ମଧ୍ୟ ଏଠାକାର ବିକାଶରେ ଅବହେଳା କରାଯାଉଥିଲା; କିନ୍ତୁ ବିଜେପି ସରକାର ରାଜ୍ୟକୁ ଦାବି ଅନୁସାରେ ଅନୁଦାନ ଯୋଗାଇ ଦେଉଛି ଓ ଏହା ଜାରି ରହିବ। ସେହିପରି ୯୦ କିମି ବିଶିଷ୍ଟ ନୂଆପଡ଼ା-ଗୁଣୁପୁର ରେଳଲାଇନ ସମ୍ପୂର୍ଣ୍ଣ ହୋଇ ଥିବାବେଳେ ଏହାକୁ ଆଦିବାସୀ ବହୁଳ ପାରଳାଖେମୁଣ୍ଡି ଓ କାଶୀପୁର ସହିତ ଯୋଡ଼ାଯିବା ଆବଶ୍ୟକ। ଗୁଣୁପୁର ଷ୍ଟେସନର ମଧ୍ୟ ଉନ୍ନତୀକରଣ କରାଯିବାର ଆବଶ୍ୟକତା ରହିଛି। ଏହି ଅବସରରେ ରେଳମନ୍ତ୍ରୀଙ୍କ ସହ ଅତିଥିମାନେ ପତାକା ଦେଖାଇ ଖୋର୍ଦ୍ଧାରୋଡ଼-ରାଜସୁନାଖଳା-ଖୋର୍ଦ୍ଧାରୋଡ଼ ପାସେଞ୍ଜର ଟ୍ରେନ୍ ଓ ରାଉରକେଲା-ଭୁବନେଶ୍ୱର ରାଜ୍ୟରାଣୀ ଟ୍ରେନ୍‌ର ଗୁଣୁପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ଚଳାଚଳ ଆରମ୍ଭ କରାଇଥିଲେ। ଏଥିସହ ଭୁବନେଶ୍ୱର ରେଳ ଷ୍ଟେସନରେ ନବନିର୍ମିତ ଗୋଟିଏ ଲିଫ୍ଟ ଓ ଦୁଇଟି ଯାନ୍ତ୍ରିକ ନିଶୁଣି, ଝାରସୁଗୁଡ଼ା ରୋଡ଼ ଷ୍ଟେସନରେ ପ୍ଲାଟଫର୍ମ-୧ର ଉଚ୍ଚତା ବୃଦ୍ଧି ଓ ସମ୍ପ୍ରସାରଣ, ନୂତନ ପ୍ଲାଟଫର୍ମ ନଂ-୨ ଏବଂ ନବନିର୍ମିତ ପ୍ରବେଶ ଦ୍ୱାର ତଥା ନୂତନ ଭାବେ କାର୍ଯ୍ୟକ୍ଷମ ହଣ୍ଡପା-ସର୍ଗିପାଲି ଦୋହରାକରଣ ଶାଖାର ଲୋକାର୍ପଣ କରିଥିଲେ। ସେହିପରି ଖୋର୍ଦ୍ଧା ରୋଡ଼ ବାଇପାସ ଲାଇନ୍, ବନ୍ଧମୁଣ୍ଡା-ରାଉରକେଲା ୪ର୍ଥ ଲାଇନ୍, କଟକ ଜଗତପୁରଠାରେ ବହୁ ବିଭାଗୀୟ ପ୍ରଶିକ୍ଷଣ କେନ୍ଦ୍ର ତଥା ଖୋର୍ଦ୍ଧାରୋଡ଼ଠାରେ ମେମୁ ୟୁନିଟ୍ ରକ୍ଷଣାବେକ୍ଷଣ ସୁବିଧାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ଅନୁଭବ ମହାନ୍ତି, ବିଧାୟକ ବିଜୟ ମହାନ୍ତି, ନବ ଦାସ, ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିବାବେଳେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଉମେଶ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଆଲୋଚନା ...

ଆପୋସ ସମାଧାନ କରିବାରେ ବ୍ୟର୍ଥ ହୁଅନ୍ତି; ତେବେ କୋର୍ଟ ତାଙ୍କ ରାୟ ଶୁଣାଇବାକୁ ପ୍ରସ୍ତୁତ। ସୂଚନାଯୋଗ୍ୟ ଆହ୍ଲାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ଦେଇଥିଲେ ଯେ ବାବ୍‌ରି ମସ୍‌ଜିଦର କେନ୍ଦ୍ରୀୟ ଗମ୍ବୁଜରେ କାମଚଳା ରାମମନ୍ଦିର କରିବା ଅଧିକାର ହିନ୍ଦୁମାନଙ୍କର ରହିଛି। ହେଲେ ପରେ ଏହି ମାମଲା ସୁପ୍ରିମକୋର୍ଟ ଯାଇଥିଲା। ସୁପ୍ରିମକୋର୍ଟରେ ମଧ୍ୟ ଏଏସ୍‌ଆଇ ପ୍ରମାଣ ଦେଇଛି ଯେ, ହିନ୍ଦୁ ମନ୍ଦିର ଉପରେ ବାବ୍‌ରି ମସ୍‌ଜିଦ ଗଢ଼ାଯାଇଥିଲା। ଏପରିକି ଆହ୍ଲାବାଦ ହାଇକୋର୍ଟ ଏହାକୁ ସ୍ୱୀକୃତି ଦେଇଛନ୍ତି। ମାମଲା ଆଉ ଗଡ଼ାଇବାର ଆବଶ୍ୟକ ନାହିଁ ବୋଲି ଶ୍ରୀ ସ୍ୱାମୀ ଯୁକ୍ତି ଦର୍ଶାଇବାରେ ସୁପ୍ରିମକୋର୍ଟ ଆସନ୍ତା ୩୧ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ଏହି ପରାମର୍ଶକୁ ଦୁଇପକ୍ଷରୁ ଓକିଲ, ରାମଲାଲା ବିରାଜମାନ ସଂଗଠନ ପକ୍ଷରୁ ସୁପ୍ରିମକୋର

ଆଇପିଏଲ୍-୧୦ କାର୍ଯ୍ୟସୂଚୀ

ତାରିଖ	ଦଳ	ସ୍ଥାନ	ସମୟ
ଏପ୍ରିଲ ୫	ସନରାଇଜର୍ସ ହାଇଦ୍ରାବାଦ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ହାଇଦ୍ରାବାଦ	ରାତି ୮ଟା
ଏପ୍ରିଲ ୬	ରାଇଜିଂ ପୁନେ ସୁପରଜିଆଣ୍ଟସ-ମୁମ୍ବାଇ ଇଣ୍ଡିଆନ୍ସ	ପୁନେ	ରାତି ୮ଟା
ଏପ୍ରିଲ ୭	ଗୁଜରାଟ ଲାୟନ୍ସ-କୋଲକାତା ନାଇଟ ରାଇଡର୍ସ	ରାଜକୋଟ	ରାତି ୮ଟା
ଏପ୍ରିଲ ୮	କିଙ୍ଗସ ଇଲେଭେନ ପଞ୍ଜାବ-ରାଇଂ ପୁନେ ସୁପରଜିଆଣ୍ଟସ	ଇନ୍ଦୋର	ଅପରାହ୍ନ ୪ଟା
ଏପ୍ରିଲ ୮	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-ଦିଲ୍ଲୀ ଡେୟାର ଡେଭିଲ୍ସ	ବେଙ୍ଗାଲୁରୁ	ରାତି ୮ଟା
ଏପ୍ରିଲ ୯	ସନରାଇଜର୍ସ ହାଇଦ୍ରାବାଦ-ଗୁଜରାଟ ଲାୟନ୍ସ	ହାଇଦ୍ରାବାଦ	ଅପରାହ୍ନ ୪ଟା
ଏପ୍ରିଲ ୯	ମୁମ୍ବାଇ ଇଣ୍ଡିଆନ୍ସ-କୋଲକାତା ନାଇଟ ରାଇଡର୍ସ	ମୁମ୍ବାଇ	ରାତି ୮ଟା
ଏପ୍ରିଲ ୧୦	କିଙ୍ଗସ ଏକାଦଶ ପଞ୍ଜାବ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ଇନ୍ଦୋର	ରାତି ୮ଟା
ଏପ୍ରିଲ ୧୧	ରାଇଜିଂ ପୁନେ ସୁପର ଜିଆଣ୍ଟସ-ଦିଲ୍ଲୀ ଡେୟାର ଡେଭିଲ୍ସ	ପୁନେ	ରାତି ୮ଟା
ଏପ୍ରିଲ ୧୨	ମୁମ୍ବାଇ ଇଣ୍ଡିଆନ୍ସ-ସନରାଇଜର୍ସ ହାଇଦ୍ରାବାଦ	ମୁମ୍ବାଇ	ରାତି ୮ଟା
ଏପ୍ରିଲ ୧୩	କୋଲକାତା ନାଇଟ ରାଇଡର୍ସ-କିଙ୍ଗସ ଇଲେଭେନ ପଞ୍ଜାବ	କୋଲକାତା	ରାତି ୮ଟା
ଏପ୍ରିଲ ୧୪	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-ମୁମ୍ବାଇ ଇଣ୍ଡିଆନ୍ସ	ବେଙ୍ଗାଲୁରୁ	ଅପରାହ୍ନ ୪ଟା
ଏପ୍ରିଲ ୧୪	ଗୁଜରାଟ ଲାୟନ୍ସ-ରାଇଜିଂ ପୁନେ ସୁପରଜିଆଣ୍ଟସ	ରାଜକୋଟ	ରାତି ୮ଟା
ଏପ୍ରିଲ ୧୫	କୋଲକାତା ନାଇଟ ରାଇଡର୍ସ-ସନରାଇଜର୍ସ ହାଇଦ୍ରାବାଦ	କୋଲକାତା	ଅପରାହ୍ନ ୪ଟା
ଏପ୍ରିଲ ୧୫	ଦିଲ୍ଲୀ ଡେୟାର ଡେଭିଲ୍ସ-କିଙ୍ଗସ ଇଲେଭେନ ପଞ୍ଜାବ	ଦିଲ୍ଲୀ	ରାତି ୮ଟା
ଏପ୍ରିଲ ୧୬	ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଲାୟନ୍ସ	ମୁମ୍ବାଇ	ଅପରାହ୍ନ ୪ଟା
ଏପ୍ରିଲ ୧୬	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-ରାଇଜିଂ ପୁନେ ସୁପର ଜିଆଣ୍ଟସ	ବେଙ୍ଗାଲୁରୁ	ରାତି ୮ଟା
ଏପ୍ରିଲ ୧୭	ଦିଲ୍ଲୀ ଡେୟାର ଡେଭିଲ୍ସ-କୋଲକାତା ନାଇଟ ରାଇଡର୍ସ	ଦିଲ୍ଲୀ	ଅପରାହ୍ନ ୪ଟା
ଏପ୍ରିଲ ୧୭	ସନରାଇଜର୍ସ ହାଇଦ୍ରାବାଦ-କିଙ୍ଗସ ଇଲେଭେନ ପଞ୍ଜାବ	ହାଇଦ୍ରାବାଦ	ରାତି ୮ଟା
ଏପ୍ରିଲ ୧୮	ଗୁଜରାଟ ଲାୟନ୍ସ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ରାଜକୋଟ	ରାତି ୮ଟା
ଏପ୍ରିଲ ୧୯	ସନରାଇଜର୍ସ ହାଇଦ୍ରାବାଦ-ଦିଲ୍ଲୀ ଡେୟାର ଡେଭିଲ୍ସ	ହାଇଦ୍ରାବାଦ	ରାତି ୮ଟା
ଏପ୍ରିଲ ୨୦	କିଙ୍ଗସ ଇଲେଭେନ ପଞ୍ଜାବ-ମୁମ୍ବାଇ ଇଣ୍ଡିଆନ୍ସ	ଇନ୍ଦୋର	ରାତି ୮ଟା
ଏପ୍ରିଲ ୨୧	କୋଲକାତା ନାଇଟ ରାଇଡର୍ସ-ଗୁଜରାଟ ଲାୟନ୍ସ	କୋଲକାତା	ରାତି ୮ଟା
ଏପ୍ରିଲ ୨୨	ରାଇଜିଂ ପୁନେ ସୁପର ଜିଆଣ୍ଟସ-ସନରାଇଜର୍ସ ହାଇଦ୍ରାବାଦ	ପୁନେ	ଅପରାହ୍ନ ୪ଟା
ଏପ୍ରିଲ ୨୨	ଦିଲ୍ଲୀ ଡେୟାର ଡେଭିଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ	ମୁମ୍ବାଇ	ରାତି ୮ଟା
ଏପ୍ରିଲ ୨୩	ଗୁଜରାଟ ଲାୟନ୍ସ-କିଙ୍ଗସ ଇଲେଭେନ ପଞ୍ଜାବ	ରାଜକୋଟ	ଅପରାହ୍ନ ୪ଟା
ଏପ୍ରିଲ ୨୩	କୋଲକାତା ନାଇଟ ରାଇଡର୍ସ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	କୋଲକାତା	ରାତି ୮ଟା
ଏପ୍ରିଲ ୨୪	ମୁମ୍ବାଇ ଇଣ୍ଡିଆନ୍ସ-ରାଇଜିଂ ପୁନେ ସୁପର ଜିଆଣ୍ଟସ	ମୁମ୍ବାଇ	ରାତି ୮ଟା
ଏପ୍ରିଲ ୨୫	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-ସନରାଇଜର୍ସ ହାଇଦ୍ରାବାଦ	ବେଙ୍ଗାଲୁରୁ	ରାତି ୮ଟା
ଏପ୍ରିଲ ୨୬	ରାଇଜିଂ ପୁନେ ସୁପର ଜିଆଣ୍ଟସ-କୋଲକାତା ନାଇଟ ରାଇଡର୍ସ	ପୁନେ	ରାତି ୮ଟା
ଏପ୍ରିଲ ୨୭	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-ଗୁଜରାଟ ଲାୟନ୍ସ	ବେଙ୍ଗାଲୁରୁ	ରାତି ୮ଟା
ଏପ୍ରିଲ ୨୮	କୋଲକାତା ନାଇଟ ରାଇଡର୍ସ-ଦିଲ୍ଲୀ ଡେୟାର ଡେଭିଲ୍ସ	କୋଲକାତା	ଅପରାହ୍ନ ୪ଟା
ଏପ୍ରିଲ ୨୮	କିଙ୍ଗସ ଇଲେଭେନ ପଞ୍ଜାବ-ସନରାଇଜର୍ସ ହାଇଦ୍ରାବାଦ	ମୋହାଲି	ରାତି ୮ଟା
ଏପ୍ରିଲ ୨୯	ରାଇଜିଂ ପୁନେ ସୁପର ଜିଆଣ୍ଟସ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ପୁନେ	ଅପରାହ୍ନ ୪ଟା
ଏପ୍ରିଲ ୨୯	ଗୁଜରାଟ ଲାୟନ୍ସ-ମୁମ୍ବାଇ ଇଣ୍ଡିଆନ୍ସ	ରାଜକୋଟ	ରାତି ୮ଟା
ଏପ୍ରିଲ ୩୦	କିଙ୍ଗସ ଇଲେଭେନ ପଞ୍ଜାବ-ଦିଲ୍ଲୀ ଡେୟାର ଡେଭିଲ୍ସ	ମୋହାଲି	ଅପରାହ୍ନ ୪ଟା
ଏପ୍ରିଲ ୩୦	ସନରାଇଜର୍ସ ହାଇଦ୍ରାବାଦ-କୋଲକାତା ନାଇଟ ରାଇଡର୍ସ	ହାଇଦ୍ରାବାଦ	ରାତି ୮ଟା
ମେ ୧	ମୁମ୍ବାଇ ଇଣ୍ଡିଆନ୍ସ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ମୁମ୍ବାଇ	ଅପରାହ୍ନ ୪ଟା
ମେ ୧	ରାଇଜିଂ ପୁନେ ସୁପର ଜିଆଣ୍ଟସ-ଗୁଜରାଟ ଲାୟନ୍ସ	ପୁନେ	ରାତି ୮ଟା
ମେ ୨	ଦିଲ୍ଲୀ ଡେୟାର ଡେଭିଲ୍ସ-ସନରାଇଜର୍ସ ହାଇଦ୍ରାବାଦ	ଦିଲ୍ଲୀ	ରାତି ୮ଟା
ମେ ୩	କୋଲକାତା ନାଇଟ ରାଇଡର୍ସ-ରାଇଜିଂ ପୁନେ ସୁପର ଜିଆଣ୍ଟସ	କୋଲକାତା	ରାତି ୮ଟା
ମେ ୪	ଦିଲ୍ଲୀ ଡେୟାର ଡେଭିଲ୍ସ-ଗୁଜରାଟ ଲାୟନ୍ସ	ଦିଲ୍ଲୀ	ରାତି ୮ଟା
ମେ ୫	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-କିଙ୍ଗସ ଇଲେଭେନ ପଞ୍ଜା	ବେଙ୍ଗାଲୁରୁ	ରାତି ୮ଟା
ମେ ୬	ସନରାଇଜର୍ସ ହାଇଦ୍ରାବାଦ-ରାଇଜିଂ ପୁନେ ସୁପର ଜିଆଣ୍ଟସ	ହାଇଦ୍ରାବାଦ	ଅପରାହ୍ନ ୪ଟା
ମେ ୬	ମୁମ୍ବାଇ ଇଣ୍ଡିଆନ୍ସ-ଦିଲ୍ଲୀ ଡେୟାର ଡେଭିଲ୍ସ	ଦିଲ୍ଲୀ	ରାତି ୮ଟା
ମେ ୭	ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର-କୋଲକାତ ନାଇଟ ରାଇଡର୍ସ	ବେଙ୍ଗାଲୁରୁ	ଅପରାହ୍ନ ୪ଟା
ମେ ୭	କିଙ୍ଗସ ଇଲେଭେନ ପଞ୍ଜାବ-ଗୁଜରାଟ ଲାୟନ୍ସ	ମୋହାଲି	ରାତି ୮ଟା
ମେ ୮	ସନରାଇଜର୍ସ ହାଇଦ୍ରାବାଦ-ମୁମ୍ବାଇ ଇଣ୍ଡିଆନ୍ସ	ହାଇଦ୍ରାବାଦ	ରାତି ୮ଟା
ମେ ୯	କିଙ୍ଗସ ଇଲେଭେନ ପଞ୍ଜାବ-କୋଲକାତା ନାଇଟ ରାଇଡର୍ସ	ମୋହାଲି	ରାତି ୮ଟା
ମେ ୧୦	ଗୁଜରାଟ ଲାୟନ୍ସ-ଦିଲ୍ଲୀ ଡେୟାର ଡେଭିଲ୍ସ	କାନପୁର	ରାତି ୮ଟା
ମେ ୧୧	ମୁମ୍ବାଇ ଇଣ୍ଡିଆନ୍ସ-କିଙ୍ଗସ ଇଲେଭେନ ପଞ୍ଜା	ମୁମ୍ବାଇ	ରାତି ୮ଟା
ମେ ୧୨	ଦିଲ୍ଲୀ ଡେୟାର ଡେଭିଲ୍ସ-ରାଇଜିଂ ପୁନେ ସୁପର ଜିଆଣ୍ଟସ	ଦିଲ୍ଲୀ	ରାତି ୮ଟା
ମେ ୧୩	ଗୁଜରାଟ ଲାୟନ୍ସ-ସନରାଇଜର୍ସ ହାଇଦ୍ରାବାଦ	କାନପୁର	ଅପରାହ୍ନ ୪ଟା
ମେ ୧୩	କୋଲକାତା ନାଇଟ ରାଇଡର୍ସ-ମୁମ୍ବାଇ ଇଣ୍ଡିଆନ୍ସ	କୋଲକାତା	ରାତି ୮ଟା
ମେ ୧୪	ରାଇଜିଂ ପୁନେ ସୁପର ଜିଆଣ୍ଟସ-କିଙ୍ଗସ ଇଲେଭେନ ପଞ୍ଜାବ	ପୁନେ	ଅପରାହ୍ନ ୪ଟା
ମେ ୧୪	ଦିଲ୍ଲୀ ଡେୟାର ଡେଭିଲ୍ସ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର	ଦିଲ୍ଲୀ	ରାତି ୮ଟା

ପ୍ଲେ ଅଫ୍

ମେ ୧୬	କ୍ୱାଲିଫାୟାର -୧ ପ୍ରଥମ ସ୍ଥାନ ବନାମ ଦ୍ୱିତୀୟ ସ୍ଥାନ	ଅଘୋଷିତ	ରାତି ୮ଟା
ମେ ୧୭	ଏଲିମିନେଟର ତୃତୀୟ ସ୍ଥାନ ବନାମ ଚତୁର୍ଥ ସ୍ଥାନ	ଅଘୋଷିତ	ରାତି ୮ଟା
ମେ ୧୯	କ୍ୱାଲିଫାୟାର -୨ ପ୍ରଥମ କ୍ୱାଲିଫାୟାର ପରାଜିତ ଦଳ ବନାମ ଏଲିମିନେଟର ବିଜେତା	ଅଘୋଷିତ	ରାତି ୮ଟା
ମେ ୨୧	**ଫାଇନାଲ**	**ହାଇଦ୍ରାବାଦ**	**ରାତି ୮ଟା**

ଦୀପିକା ଙ୍କ ଆଡରେ ଝଟକା

ଦୀପିକା ପାଦୁକୋନ୍; ଏବେ ଏହି ନାଁକୁ ନେଇ ଚର୍ଚ୍ଚା ଯେମିତି, କ୍ରେଜ୍ ବି ସେମିତି। ହଲିଉଡ୍ ସିନେମା 'ଟ୍ରିପଲ ଏକ୍ସ: ରିଟର୍ଣ୍ଣ ଅଫ୍ ଜେଣ୍ଡର କେଜ୍'ର ରିଲିଜ୍ ପରେ ଦୀପିକା ନିଜ ଅଭିନୟ ପାଇଁ ବେଶ୍ ପ୍ରଶଂସିତ ହୋଇଛନ୍ତି। କେବଳ ପ୍ରଶଂସା ନୁହେଁ, ବରଂ ଚାରିଆଡୁ ତାଙ୍କୁ ଅଫର ପରେ ଅଫର ମିଳିବାରେ ଲାଗିଛି। ନିକଟରେ ତାଙ୍କୁ ଏକ ବଡ଼ ମୋବାଇଲ କମ୍ପାନୀର ଆଡ୍ ଅଫର ଆସିଛି। ପୂର୍ବରୁ ଏହି ଆଡ୍‌ରେ ହ୍ରିତିକ୍ ରୋଶନ୍-ସୋନମ୍ କପୁରଙ୍କୁ ନେବା ପାଇଁ କମ୍ପାନୀ ମନସ୍ଥ କରିଥିଲା। ମାତ୍ର ଇଣ୍ଟରନ୍ୟାସନାଲ ମାର୍କେଟରେ ଦୀପିକାଙ୍କ ଡିମାଣ୍ଡ ଦେଖି ଏହି ଅଫର ତାଙ୍କୁ ଦିଆଯାଇଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ସେହି କମ୍ପାନୀର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ କାମ କରିବେ ଦୀପିକା।

ଜନ୍ମ ଦିନରେ ଶୁଭକାମନା

ଓମ୍ ଆନନ୍ଦ

ମା' ତାରିଣୀଙ୍କ କୃପାରୁ ଚଲାପଥ କୁସୁମିତ ହେଉ
ତୁମର ଦୀର୍ଘଜୀବନ କାମନା କରୁଛୁ...

ନିରୁପମା, ପ୍ରେମାନନ୍ଦ ସେଠୀ

ଜେଜେମା, ଜେଜେବାପା, ଆଇ, ଅଜା, ବାବା, ମାମା, ଗୁନ୍‌ଗୁନ୍, ଗୁଗୁ, ନିଖିଲ, ମଣ୍ଟି, ନିକି, ବିଭୂ, ବଣ୍ଟି, ମିକି, ରୁବି, ବାପି, ବନ୍ଧୁ ଓ ପରିବାରବର୍ଗ।

ଖବର କିଛିକିଛି

- **କଟକ :** ଖୋଲୁଛି ଓସିଏ ଗୁମର। ଜଳାଶୟକୁ ପୋତି ନିର୍ମାଣ ହୋଇଛି କ୍ଲବ। ୨ଲକ୍ଷ ବଦଳରେ ୨୫ ହଜାରରେ ସଦସ୍ୟତା ପଦ।
- **ଲାହୋର :** ଭାରତ ବିରୋଧରେ ର୍ୟାଲି କଲା ହାଫିଜ ମହମ୍ମଦ ସୟିଦ୍।
- **ନୂଆଦିଲ୍ଲୀ :** ଜିଏସ୍‌ଟି ପାଇଁ ସେସ୍ ହଟିବ। କ୍ଷତି ହେବ ୬୫ ହଜାର କୋଟି।
- **ଭୁବନେଶ୍ୱର :** ପୋତି ହେଉଛି ହୀରାକୁଦ ନଦୀବନ୍ଧ। ଜଳଧାରଣ କ୍ଷମତା ପ୍ରତିଶତ ହ୍ରାସ।
- **ପୁରୀ :** ସ୍ୱର୍ଗଦ୍ୱାର ଜମି ଜବରଦଖଲ ମାମଲା ତେଜିଲା, ସମ୍ପ୍ରସାରଣ ସପକ୍ଷରେ ସହରବାସୀ।
- **ବାଲେଶ୍ୱର :** ରେଳଧାରଣାରେ ଫାଟ, ବର୍ତ୍ତିଗଲା ବାଙ୍ଗିରିପୋଷି ସୁପରଫାଷ୍ଟ ଏକ୍ସପ୍ରେସ୍। ମାଛ ଧରାଳି ହେଲେ ଜୀବନରକ୍ଷକ।
- **କଟକ :** ଚିଟ୍‌ଫଣ୍ଡ ମାମଲା : ଜାମିନ ପାଇଁ ସୁବର୍ଣ୍ଣ ନାୟକ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ।
- **ଭୁବନେଶ୍ୱର :** ଆଦର୍ଶ ବିଦ୍ୟାଳୟରେ ନାମଲେଖା ଆବେଦନ ସମୟ ମାର୍ଚ୍ଚକୁ ବୃଦ୍ଧି।
- **ନିଆଳି :** ପୋଦନାରେ ବଢ଼ିଚାଲିଛି ରାଜନୈତିକ ହିଂସା, ଲୁଟତରାଜ ଆତଙ୍କ ବଢୁଛି।
- **ଭୁବନେଶ୍ୱର :** ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ଘୋଷିତ। ଚଳିତବର୍ଷ ଠାରୁ ପୁସ୍ତକମେଳାରେ ଲିଟିଲ ମାଗାଜିନ୍ ପାଭଲିୟନ।
- **ବାରଙ୍ଗ :** ନିମୋନିଆରେ ଆଖିବୁଜିଲା ଜଳହସ୍ତୀ ଶଙ୍କର।
- **ଲକ୍ଷ୍ନୌ :** ବାବ୍ରି ମସ୍‌ଜିଦ ଭଙ୍ଗ ମାମଲାରେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ ଓ ଉମା ଭାରତୀଙ୍କ ବିରୋଧରେ ଶୁଣାଣି ଦୁଇ ସପ୍ତାହ ଘୁଞ୍ଚିଲା।
- **ଭୁବନେଶ୍ୱର :** ଘରୋଇ ମେଡ଼ିକାଲ କଲେଜ ଏବଂ ଡିଏମ୍‌ଡ ୟୁନିଭର୍ସିଟ ଉପରେ ଲାଗିଲା ଅଙ୍କୁଶ। ଏହି ଶିକ୍ଷାନୁଷ୍ଠାନଗୁଡିକର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମର ୮୫% ସିଟ୍‌ରେ କାଉନସେଲିଂ କରିବେ ରାଜ୍ୟ ସରକାର
- **ଭୁବନେଶ୍ୱର :** ସାରା ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ସବୁଠାରେ ସମାନ ସ୍ଥିତି। ତେବେ ତତଲାଗଡ଼ ଭାବେ ପରିଚିତ ଟିଟିଲାଗଡ଼ରେ ଏବେଠୁ ଆରମ୍ଭ ହେଲାଣି ଅସହ୍ୟ ତାତି।
- **ମେଲବୋର୍ଣ୍ଣ :** ଅଷ୍ଟ୍ରେଲିଆର ସବୁଠୁ ରହସ୍ୟଜନକ ପକ୍ଷୀକୁ ଠାବ କରାଯାଇଛି। ଏହି ରାତ୍ରିଚର ଶୁଆକୁ ଗତ ୧୦୦ ବର୍ଷ ହେବ ଦେଖାଯାଇ ନଥିବାରୁ ଏହା ବିଲୁପ୍ତ ହୋଇଯାଇଥିବା ମନେ କରାଯାଉଥିଲା।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**